بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: ୨

ସମ୍ପାଦକ:

କମୁଲ୍ ହକ୍ ଖାନ୍

ସହ ସମ୍ପାଦକ:

ସୟଦ୍ ଅତାଉଲ୍ ୱାହାବ

ସାପ୍ତାହିକ ବଦର କାଦିଆନ

Weekly BADAR Qadian Odia

ସଂଖ୍ୟା: 03

ବାର୍ଷିକ ଦେୟ : ୬୦୦/-

www.akhbarbadr.in

05 ରଜବ 1445 ହି.କ, 18 ସୁଲହ୍ 1403 ହି.ଶ, 18 -JAN 2024 ମସିହା

### ଅଲ୍ଲାଃତାଲାଙ୍କ ବାଣୀ

يٰۤاَيُّهَا الَّذِيۡنَ اٰمَنُوا اسۡتَجِيۡبُوۡا لِلّٰهِ وَلِلرَّسُوۡلِ اِذَا دَعَاكُمۡ لِمَا يُحۡيِيۡكُمۡ

(ଅଲ୍ ଅନ୍‌ଫାଲ୍-22)

ଅନୁବାଦ :ହେ ବିଶ୍ୱସାକାରୀମାନେ ! ତୁମେମାନେ ଅଲ୍ଲାଃତାଲା ଓ ତାହାଙ୍କ ରସୁଲଙ୍କ କଥା ଶୁଣ ଯେତବେଳେ କି ସେ ତୁମମାନଙ୍କୁ (ଆଧ୍ୟାତ୍ମିକ) ଜୀବନ ଦାନ କରିବାକୁ ଡ଼ାକନ୍ତି ।

### ଅହମଦିୟା ଖବର

ଅଲହମଦୁ ଲିଲ୍ଲାଃ ହୁଜୁର ଅନୱର୍ ଅ.ବ ସକୁଶଳ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ହୁଜୁର ଅନୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ଦୀର୍ଘାୟୁ ନି ସକଳ ତଥା ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଏବଂ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ । ଅଲ୍ଲାଃତାଲା ହୁଜୁର ଅନୱର୍ ଅ.ବଙ୍କର ପ୍ରତ୍ୟେକ ମୁହୂର୍ତ୍ତ ରକ୍ଷକ ଓ ସହାୟକ ହୁଅନ୍ତୁ । ଆମିନ୍ ।

## ନବୀ ସ.ଅଙ୍କ ବାଣୀ

### ଅଲ୍ଲାଃତାଲାଙ୍କ ଦ୍ୱାରା ନିର୍ଦ୍ଧାରିତ ସୀମା ଉପରେ ପ୍ରତିଷ୍ଠିତ ଥିବା ବ୍ୟକ୍ତି:

**(2500)** ହ. ଉକ୍‌ବା ବିନ୍ ଆମିର୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ ତାଙ୍କୁ କେତେକ ଛେଳୀ ପ୍ରଦାନ କଲେ ଓ କହିଲେ: ହେ ଉକ୍‌ବା ! ଆପଣ ଏହି ଛେଳୀଗୁଡ଼ିକୁ ନେଇ ସାହାବାମାନଙ୍କ ମଧ୍ୟରେ ବାଣ୍ଟି ଦିଅନ୍ତୁ । ଏହି ଛେଳୀଗୁଡ଼ିକ କୁର୍ବାନୀ (ଜେବହ୍) ନିମନ୍ତେ ଉଦ୍ଦିଷ୍ଟ ଥିଲା । ତନ୍ମଧ୍ୟରେ ଏକ ବର୍ଷୀୟ ଛେଳୀ ଛୁଆ ରହିଯାଇଥିଲା । ହ. ଉକ୍‌ବା ବିନ୍ ଆମିର୍ ର.ଅ ରସୁଲୁଲ୍ଲାଃ ସ.ଅଙ୍କ ନିକଟରେ ଉକ୍ତ ପ୍ରସଙ୍ଗର ଯେତେବେଳେ ଚର୍ଚ୍ଚା କଲେ ସେତେବେଳେ ଆପଣ ସ.ଅ କହିଲେ: ହେ ଉକବା ! ତୁମେ ଉକ୍ତ ଛେଳୀ ଛୁଆର କୁର୍ବାନୀ କରିଦିଅ ।

**(2501/2)** ଅବ୍‌ଦୁଲ୍ଲାଃ ବିନ୍ ହିଶ୍ଶାମ୍ ର.ଅ ବର୍ଣ୍ଣନା କରନ୍ତି ଯେ, ସେ ନବୀ କରୀମ୍ ସ.ଅଙ୍କ ଯୁଗ ପ୍ରାପ୍ତ କରିଥିଲେ । ତାଙ୍କର ମାତାଶ୍ରୀ ହ. ଜୈନବ୍ ବିନ୍ତ୍ ହମିଦ୍ ର.ଅ ତାଙ୍କୁ ରସୁଲୁଲ୍ଲାଃ ସ.ଅଙ୍କ ନିକଟକୁ ନେଇଗଲେ । (ହ. ଜୈନବ୍ ର.ଅ) କହିଲେ: ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଉକ୍ତ ବାଳକର ବୈଅତ୍ (ଦୀକ୍ଷା ଗ୍ରହଣ କରନ୍ତୁ) ନିଅନ୍ତୁ । ଆପଣ ସ.ଅ କହିଲେ, ସେହି ବାଳକଟି ଖୁବ୍ ଛୋଟ ଅଟେ । ଆପଣ ସ.ଅ ଉକ୍ତ ବାଳକର ମୁଣ୍ଡ ଉପରେ ହସ୍ତ ସ୍ପର୍ଶ କଲେ ଓ ତା' ନିମନ୍ତେ ପ୍ରାର୍ଥନା କଲେ।

**(ସହି ବୁଖାରୀ, ଭାଗ-4, କିତାବୁଶ୍ ଶିରକତୁ, ପ୍ରକାଶନ ବର୍ଷ 2008 ମସିହା କାଦିଆନ୍)**

☆ ☆ ☆

### ପ୍ରତିଶୃତ ମସିହ୍‌ଅ.ସଙ୍କ ନିତୀବାଣୀ:-

**ତୁମେ ଏହା ଭାବ ନାହିଁ ଯେ, କୌଣସି ବାହ୍ୟିକ ବା ପ୍ରକାଶ୍ୟଗତ ଧନ, କ୍ଷମତା, ଅର୍ଥ ଓ ସମ୍ମାନ ତଥା ସନ୍ତାନର ଆଧିକ୍ୟତା କୌଣସି ବ୍ୟକ୍ତି ନିମନ୍ତେ ସୁଖକର, ଶାନ୍ତି ତଥା ତୃପ୍ତିର କାରଣ ହୋଇଯାଇଥାଏ । କଦାପି ନୁହଁ । ସେହି ସୁଖ, ଶାନ୍ତି, ଆଶ୍ୱାସନା ଓ ତୃପ୍ତି ଯାହାକି ବୈକୁଣ୍ଠର ପୁରସ୍କାର ମଧ୍ୟରୁ ଅନ୍ୟତମ ଅଟନ୍ତି ତାହା ସେହି କଥା ଦ୍ୱାରା ପ୍ରାପ୍ତ ହୋଇ ନଥାଏ । ବରଂ ତାହା ପ୍ରଭୁଙ୍କ ନିକଟରେ ହିଁ ଜୀବିତ ରହିବା ଓ ମୃତ୍ୟୁବରଣ କରିବା ଦ୍ୱାରା ପ୍ରାପ୍ତ ହୋଇଥାଏ ।**

### ନର୍କର ବାସ୍ତବତା

ବର୍ତ୍ତମାନ ବୁଝିବା ଉଚିତ୍ ଯେ, ନର୍କ କ'ଣ ? ନର୍କ କହିଲେ ପ୍ରଥମତଃ ମୃତ୍ୟୁ ପରବର୍ତ୍ତୀ ଅବସ୍ଥାକୁ ବୁଝାଏ । ଏହି ନର୍କର ଅଲ୍ଲାଃତାଲା ପାପୀମାନଙ୍କୁ ପ୍ରତିଶୃତି ଦେଇଛନ୍ତି । ଦ୍ୱିତୀୟତଃ ଏହା ଯେ, ଯଦି ଏହି ଜୀବନଟା ପ୍ରଭୁଙ୍କ ସକାଶେ ଉଦ୍ଦିଷ୍ଟ ନହୁଏ ତେବେ ତାହା ନର୍କ ହିଁ ଅଟେ । ଅଲ୍ଲାଃତାଲା ଏପରି ବ୍ୟକ୍ତିକୁ ବିପତ୍ତିରୁ ଉଦ୍ଧାର ଏବଂ ଶାନ୍ତି ପ୍ରଦାନ କରିବା ସକାଶେ ବ୍ୟବସ୍ଥାପକ ଓ ଅଧିଷ୍ଠାତା ହୁଅନ୍ତି ନାହିଁ (ଅର୍ଥାତ୍ ଦାୟୀ ନୁହନ୍ତି) । ଏହା ଭାବ ନାହିଁ ଯେ, କୌଣସି ବାହ୍ୟିକ ବା ପ୍ରକାଶ୍ୟଗତ ଧନ, କ୍ଷମତା, ଅର୍ଥ ଓ ସମ୍ମାନ ସନ୍ତାନର ଆଧିକ୍ୟତା କୌଣସି ବ୍ୟକ୍ତି ନିମନ୍ତେ ସୁଖକର, ଶାନ୍ତି ତଥା ତୃପ୍ତିର କାରଣ ହୋଇଯାଇଥାଏ । କଦାପି ନୁହଁ । ସେହି ସୁଖ, ଶାନ୍ତି, ଆଶ୍ୱାସନା ଓ ତୃପ୍ତି ଯାହାକି ବୈକୁଣ୍ଠର ପୁରସ୍କାର ମଧ୍ୟରୁ ଅନ୍ୟତମ ଅଟନ୍ତି ତାହା ସେହି କଥା ଦ୍ୱାରା ପ୍ରାପ୍ତ ହୋଇ ନଥାଏ । ବରଂ ତାହା ପ୍ରଭୁଙ୍କ ନିକଟରେ ହିଁ ଜୀବିତ ରହିବା ଓ ମୃତ୍ୟୁବରଣ କରିବା ଦ୍ୱାରା ପ୍ରାପ୍ତ ହୋଇଥାଏ । ତତସଂକ୍ରାନ୍ତରେ ଅବତାର ଅ.ସ ବିଶେଷ କରି ହ. ଇବ୍ରାହିମ୍ ଅ.ସ, ହ. ୟାକୁବ୍ ଅ.ସଙ୍କର ଏହି ଓସିୟତ୍ (ଇଚ୍ଛାପତ୍ର) ଥିଲା ଯେ, فَلَا تَمُوۡتُنَّ اِلَّا وَاَنۡتُمۡ مُّسۡلِمُوۡنَ **(ଅଲ୍ ବକରାହ୍: 133)** ଅର୍ଥାତ୍ ତୁମେମାନେ ଅଲ୍ଲାଃତାଲାଙ୍କର ସମ୍ପୂର୍ଣ୍ଣ ଆଜ୍ଞାବହ ନଥିବା ଅବସ୍ଥାରେ କଦାପି ମୃତ୍ୟୁବରଣ କର ନାହିଁ। ସାଂସାରିକ ମୋହମାୟା, ସୁଖ ସ୍ୱାଚ୍ଛନ୍ଦ୍ୟ ଏବଂ ଭୋଗ ବିଳାସ ଇତ୍ୟାଦି ଏକ ପ୍ରକାରର ଅପବିତ୍ର ଈର୍ଷା ସୃଷ୍ଟି କରି ଅଭିଳାଷା ଏବଂ ତୃଷ୍ଣାକୁ ବୃଦ୍ଧି କରିଦେଇଥାଏ। ତୃଷାର୍ତ୍ତ ରୋଗୀ ପରି ତୃଷ୍ଣା ମେଣ୍ଟି ନଥାଏ । ଏପର୍ଯ୍ୟନ୍ତକି ସେମାନେ ମୃତ୍ୟୁବରଣ କରନ୍ତି । ଅତଏବ୍ ଏହି ଅନାବଶ୍ୟକ ଅଭିଳାଷା ଓ ଲାଳସାର ସମସ୍ତ ଅଗ୍ନି ମଧ୍ୟ ସେହି ନର୍କର ଏକ ଅଗ୍ନି ଅଟେ । ଏହା ମନୁଷ୍ୟର ହୃଦୟକୁ ସୁଖ ଓ ଶାନ୍ତି ପ୍ରଦାନ କରିବାକୁ ସୁଯୋଗ ପ୍ରଦାନ କରେ ନାହିଁ । ବରଂ ତା'କୁ ଏକ ସଂଶୟ ଏବଂ ଅଧୀରତାର ଅସାମଞ୍ଜସ୍ୟତାରେ ନିମଜ୍ଜିତ ରଖିଥାଏ । ଅତଃ ମୋର ବନ୍ଧୁମାନଙ୍କର ଦୃଷ୍ଟିରୁ ଉକ୍ତ ପ୍ରସଙ୍ଗଟି କଦାପି ଲୁକ୍କାୟିତ ନରହୁ କି ମନୁଷ୍ୟ ଧନ ସମ୍ପତ୍ତି କିମ୍ବା ପତ୍ନୀ ଓ ସନ୍ତାନଙ୍କ ପ୍ରେମର ଉତ୍ସାହ ଏବଂ ନିଶା ଏପରି ଦିୱାନା (ପାଗଳ)ଓ ସଂଜ୍ଞାହୀନ ହୋଇଯାଇ ନାହିଁ, ତେବେ ତା' ମଧ୍ୟରେ ଓ ଈଶ୍ୱରଙ୍କ ମଧ୍ୟେର ଏକ ଆବରଣ (ପରଦା) ସୃଷ୍ଟି ହୋଇଯାଉ । ସେଇଥିପାଇଁ ଧନ ଓ ସନ୍ତାନ ପରୀକ୍ଷା ବୋଲାଇଥାଆନ୍ତି । ଏହି ଧନ ସମ୍ପତ୍ତି ଓ ସନ୍ତାନରୁ ମଧ୍ୟ ମନୁଷ୍ୟ ପାଇଁ ନର୍କ ପ୍ରସ୍ତୁତ ହୋଇଥାଏ। ବ୍ୟକ୍ତି ଯେତେବେଳେ ଏମାନଙ୍କ ଠାରୁ ପୃଥକ ହୁଏ ସେତେବେଳେ ସେ ଅତ୍ୟନ୍ତ ମର୍ମାହତ ଏବଂ ବିଚଳିତ ଭାବ ପରିପ୍ରକାଶ କରିଥାଏ । ତାହା ଏହିପରି ଯେ, نَارُ اللّٰهِ الۡمُوۡقَدَةُ الَّتِىۡ تَطَّلِعُ عَلَى الۡاَفۡـِٕدَةِ **(ଅଲ୍ ହୁମଜାହ୍: 7-8)** (ଅର୍ଥାତ ଏହା ଅଲ୍ଲାଃତାଲାଙ୍କ ଦ୍ୱାରା ଅତିଶୟ ପ୍ରଜ୍ୱଳିତ କରା ହୋଇଥିବା ଅଗ୍ନି, ଯାହା ହୃଦୟର ଅନ୍ତଃସ୍ଥଳ ପର୍ଯ୍ୟନ୍ତ ପହଞ୍ଚିବ) ଉଦ୍ଧୃତ ରୂପେ ରହି ନଥାଏ । ବରଂ ନ୍ୟାୟିକ ତଥା ଔଚିତ୍ୟ ରୂପ ଧାରଣ କରି ନେଇଥାଏ । ସୁତରାଂ ଏହି ଅଗ୍ନି ଯାହାକି ମନୁଷ୍ୟକୁ ଭସ୍ମୀଭୂତ କରି କବାବ୍ (ତାପ ଦଗ୍ଧ ମାଂସ) କରି ଦେଇଥାଏ ଏବଂ ଏକ ପୋଡ଼ା କୋଇଲା ଠାରୁ ବି ଅତ୍ୟଧିକ କୃଷ୍ଣକାୟ ଓ ଅତ୍ୟନ୍ତ ଅନ୍ଧକାରମୟ କରିଦେଇଥାଏ । ଏହା ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ ସହିତ ପ୍ରେମ ଅଟେ । **(ମଲଫୁଜାତ୍, ଭାଗ-1, ପୃ503, ପ୍ରକାଶନ ବର୍ଷ-2018 ମସିହା, ସ୍ଥାନ-କାଦିଆନ୍)**

**ଖ୍ରୀଷ୍ଟିଆନ୍‌ମାନେ ହ. ଇସା ଅ.ସଙ୍କୁ ଅସାଧାରଣ ମର୍ଯ୍ୟାଦା ପ୍ରଦାନ କରିଥାଆନ୍ତି ଏବଂ କୁହନ୍ତି ଯେ, ତାଙ୍କ ଠାରେ କେତେକ ବିଶିଷ୍ଟ ଧରଣର ଚରିତ୍ର ଏବଂ ଶକ୍ତି ଦେଖିବାକୁ ମିଳୁଥିଲା । ଅତଃ ଅଲ୍ଲାଃତାଲା ସେହି କଥାକୁ ରଦ୍ଦ କରିଛନ୍ତି ଏବଂ କହିଛନ୍ତି ଯେ, ଏହି ସମସ୍ତ ବିଶେଷତା ହ. ୟହ୍ୟା ଅ.ସଙ୍କ ଠାରେ ମଧ୍ୟ ବିଦ୍ୟମାନ ଓ ଦେଖିବାକୁ ମିଳୁଥିଲା ।**

ହ. ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ ସୁରାଃ ମରିୟମ୍‌ର ଆୟତ୍ ନଂ15 وَبَرًّا بِوَالِدَيْهِ وَلَمْ يَكُن جَبَّارًا عَصِيًّا ର ବ୍ୟାଖ୍ୟା କରି କୁହନ୍ତି: وَبَرًّا بِوَالِدَيْهِ ରେ ଅଲ୍ଲାଃତାଲା ଏହା କହିଛନ୍ତି ଯେ, ତା'ର ନିଜ ମାତାପିତାଙ୍କ ପ୍ରତି ଏହି ଆଚରଣ ଥିଲା କି ସେ ସେମାନଙ୍କର ସଂପୂର୍ଣ୍ଣ ରୂପେ ଆଜ୍ଞାବହ ଓ ଆଜ୍ଞାପାଳନକାରୀ ଥିଲା। ସେ ସେହି ସମସ୍ତ ଉତ୍ତମ ଚରିତ୍ରକୁ ପସନ୍ଦ କରୁଥିଲା ଯେଉଁ ଉତ୍ତମ ଚରିତ୍ରକୁ ସେମାନେ ପସନ୍ଦ କରୁଥିଲେ ଏବଂ ସେ ସେହି ସମସ୍ତ ମନ୍ଦ କର୍ମରୁ ବର୍ତ୍ତିବାକୁ ଉଦ୍ୟମ କରୁଥିଲା ଯେଉଁ ମନ୍ଦ କର୍ମକୁ ସେମାନେ ନାପସନ୍ଦ କରୁଥିଲେ ।

وَلَمْ يَكُن جَبَّارًا عَصِيًّا ଅର୍ଥାତ୍ ସେ ଉଦ୍ଧତ ଓ ଅବଜ୍ଞକାରୀ ମଧ୍ୟ ନଥିଲା । ଅଲ୍ଲାଃତାଲା ଏହି ବିଶେଷତାଗୁଡ଼ିକ ହ. ୟହ୍ୟା ସହିତ ସଂଶ୍ଳୀଷ୍ଟ ବୋଲି ଦର୍ଶାଇଛନ୍ତି । ଏହା ଏଇଥି ପାଇଁ ବର୍ଣ୍ଣନା କରିଛନ୍ତି ଯେ, ଖ୍ରୀଷ୍ଟିଆନ୍‌ମାନେ ହ. ଇସା ଅ.ସଙ୍କ ସଂକ୍ରାନ୍ତରେ ଏହା କହୁଥିଲେ ଯେ, ହ. ଇସା ଅତ୍ୟନ୍ତ ଉଚ୍ଚ ସ୍ତରୀୟ ଶିକ୍ଷା ଦେଇଛନ୍ତି ଯେ, ଯେକେହି ତୁମ୍ଭର ଡାହାଣ ଗାଲରେ ଚାପୁଡ଼ା ମାରେ ତେବେ ତୁମ୍ଭେ ତା' ଆଡ଼କୁ ବାମ ପାର୍ଶ୍ୱର ଗାଲ ଦେଖାଇ ଦିଅ । **(ଇଞ୍ଜିଲ୍ ମତା, ବାବ୍-5, ଆୟତ୍-39)** ଅଲ୍ଲାଃତାଲା କୁହନ୍ତି ଯେ, ୟହ୍ୟା ମଧ୍ୟ ଉଦ୍ଧତ ନଥିଲା । ସେ ଯେଉଁ ଶିକ୍ଷା ପ୍ରଦାନ କରିଛନ୍ତି ତହିଁରେ ମଧ୍ୟ ଅତ୍ୟାଚାରର କୌଣସି ପକ୍ଷ ନିହିତ ନଥିଲା ।

ଠିକ୍ ସେହିପରି ଖ୍ରୀଷ୍ଟିଆନ୍‌ମାନେ ହ. ଇସା ଅ.ସଙ୍କର ଏହି ବଡ଼ ବିଶେଷତା ସଂକ୍ରାନ୍ତରେ ବର୍ଣ୍ଣନା କରନ୍ତି ଯେ, ହ. ଇସା ଅ.ସ କହିଥିଲେ, "ଯାହା କୈସରର ଅଟେ ତାହା କୈସରକୁ ଫେଠ କର ଏବଂ ଯାହା ପ୍ରଭୁଙ୍କର ତାହା ପ୍ରଭୁଙ୍କ ଫେଠ କର ।" **(ଇଞ୍ଜିଲ୍ ମତା, ବାବ୍-22, ଆୟତ୍-21)** ଅଲ୍ଲାଃତାଲା କୁହନ୍ତି ଯେ, ୟହ୍ୟା ମଧ୍ୟ عَصِيًّا ନଥିଲେ। ସେ ମଧ୍ୟ ଏହି ଶିକ୍ଷା ଦେଇଛନ୍ତି ଯେ, ତୁମେମାନେ ଅବଜ୍ଞା ପ୍ରଦର୍ଶନ କର ନାହିଁ ଓ କୈସରର ଅଧିକାର କୈସରକୁ ପ୍ରଦାନ କର ଓ ପ୍ରଭୁଙ୍କର ଅଧିକାର ପ୍ରଭୁଙ୍କୁ ପ୍ରଦାନ କର ।

ଅର୍ଥାତ୍ ସେହି ସମସ୍ତ ବିଶେଷତାଗୁଡ଼ିକ ଯାହାକି ହ. ଇସାଙ୍କ ଠାରେ ବିଦ୍ୟମାନ ରହିଥିଲା ତତ୍‌ସଂକ୍ରାନ୍ତରେ ବର୍ଣ୍ଣନା କରାଯାଇଥାଏ ଯେ, ଅଲ୍ଲାଃତାଲା ନିଜ ଢଙ୍ଗରେ ହ. ୟହ୍ୟା ଅ.ସଙ୍କୁ ମଧ୍ୟ କେତେକ ବିଶେଷତା ପ୍ରଦାନ କରିଥିଲେ । ତହିଁରେ କୌଣସି ସଂଶୟ ନାହିଁ ଯେ, ହ. ୟହ୍ୟା ହ. ଇସା ଅ.ସଙ୍କ ମର୍ଯ୍ୟାଦା ଏବଂ ସ୍ତର ଠାରୁ ନ୍ୟୁନ ଥିଲେ। କିନ୍ତୁ ଏଠାରେ ସ୍ତର ଓ ମର୍ଯ୍ୟାଦା ସଂପର୍କରେ ବିତର୍କ ଓ ବିବାଦ କରାଯାଇ ନାହିଁ । ବରଂ ଅଲ୍ଲାଃତାଲା ଉକ୍ତ କଥାର ଚର୍ଚ୍ଚା କରୁଛନ୍ତି ଯେ, ହ. ଇସା ଅ.ସଙ୍କ ମଧ୍ୟରେ କୌଣସି ଭିନ୍ନ ପ୍ରକାରର ବିଶେଷତା ନଥିଲା । କାରଣ ଖ୍ରୀଷ୍ଟିଆନ୍‌ମାନେ ହ. ଇସା ଅ.ସଙ୍କୁ ଅସାଧାରଣ ମର୍ଯ୍ୟାଦା ପ୍ରଦାନ କରିଥିଲେ ଏବଂ କହୁଥିଲେ ଯେ, ହ. ଇସା ଅ.ସଙ୍କ ଠାରେ କେତେକ ବିଶିଷ୍ଟ ପ୍ରକାରର ଚାରିତ୍ରିକ ବିଶେଷତା ଓ ଶକ୍ତି ଦେଖିବାକୁ ମିଳୁଥିଲା । ଅତଃ ଅଲ୍ଲାଃତାଲା ସେହି ପ୍ରସଙ୍ଗଗୁଡ଼ିକୁ ରଦ୍ଦ କରିଛନ୍ତି ଏବଂ କହିଛନ୍ତି ଯେ, ହ. ଇସା ଅ.ସଙ୍କ ଠାରେ ଯେଉଁ ବିଶେଷତା ଦେଖିବାକୁ ମିଳୁଥିଲା ତାହା ହ. ୟହ୍ୟା ଅ.ସଙ୍କ ମଧ୍ୟରେ ବିଦ୍ୟମାନ ଥିଲା । ଯଦି ତୁମେମାନେ ଏହି ପ୍ରସଙ୍ଗ ଯୋଗୁଁ ହ. ଇସା ଅ.ସଙ୍କୁ ମର୍ଯ୍ୟାଦା ପ୍ରଦାନ କରୁଛ ତାହାହେଲେ ହ. ୟହ୍ୟା ଅ.ସଙ୍କୁ କାହିଁକି ମର୍ଯ୍ୟାଦା ପ୍ରଦାନ କରୁ ନାହଁ ? **(ତଫ୍‌ସିର୍ କବିର୍ ଭାଗ-5, ପୃ-148, ପ୍ରକାଶନ ବର୍ଷ- 2010 ମସିହା)**

☆ ☆ ☆

**ପବିତ୍ର କୁରଆନ୍ କରୀମ୍‌ରେ ସମଗ୍ର ସଂସାର ଜଗତ ପାଇଁ ଶାନ୍ତିର ଶିକ୍ଷା ରହିଛି ବିଶେଷ ରୂପେ ନ୍ୟାୟ ସମ୍ବନ୍ଧୀୟ ଶିକ୍ଷାର ଉଲ୍ଲେଖ ମିଳେ ।**

ପ୍ରିୟ ପାଠକ ବୃନ୍ଦ ! ଆମେ ଜାଣୁ ଯେ, ଯେକୌଣସି ସମାଜରେ ସାଂସାରିକ ଉନ୍ନତି ,ଚାରିତ୍ରିକ ମୂଲ୍ୟବୋଧର ସଶକ୍ତିକରଣ ପ୍ରକୃତ ଶାନ୍ତି ଉପରେ ହିଁ ନିର୍ଭରଶୀଳ । ସୁତରାଂ ସମାଜରେ ଯଦି ଶାନ୍ତି ପ୍ରତିଷ୍ଠା ହେବ ତେବେ ଜନସାଧାରଣରେ ସୁରକ୍ଷାର ମନୋଭାବ ମଧ୍ୟ ଅବ୍ୟାହତ ରହିବ ଏବଂ ସେମାନେ ଏକାଗ୍ରଚିତ୍ତ ହୋଇ ପ୍ରତ୍ୟେକ କର୍ମଭୂମିରେ ପରସ୍ପର ସହିତ ପ୍ରତିଯୋଗୀତା କରିପାରିବେ । ଯେତେବେଳେ ଶାନ୍ତି ସ୍ଥାପନ ହେବ ସେତେବେଳେ ଅର୍ଥନୀତି ଓ ବାଣିଜ୍ୟ ଏବଂ ବ୍ୟବସାୟର ଅକ୍ଷ ମଧ୍ୟ ଅତି ସହଜରେ ଘୂର୍ଣ୍ଣିତ ହେବ । ଗବେଷଣାର ନବ ନବ ମାର୍ଗ ମଧ୍ୟ ଶାନ୍ତି ସ୍ଥାପନ ସହିତ ସଂଶ୍ଳୀଷ୍ଟ ଅଟେ । ନୂତନ ବଂଶଧରର ଶୈକ୍ଷିକ ଉନ୍ନତିର ମୂଳଦୁଆ ମଧ୍ୟ ଶାନ୍ତିପୂର୍ଣ୍ଣ ସମାଜ ହିଁ ଉପଲବ୍ଧ କରିପାରିବ । ଅଶାନ୍ତିର ବାହକ ସମାଜଗୁଡ଼ିକ ନା କେବଳ ଅର୍ଥନୈତିକ, ସାମାଜିକ ଓ ଚାରିତ୍ରିକ ରୂପେ ବିନଷ୍ଟ ହୁଅନ୍ତି ବରଂ ପରିଣାମ ସ୍ୱରୂପ ଆଧ୍ୟାତ୍ମିକ ଅଧଃପତନରେ ମଧ୍ୟ ପର ପାଇଁ ନିଜେ ଉଦାହରଣ ପାଲଟି ଯାଆନ୍ତି । ସୁତରାଂ ଏହା କେତେ ଆବଶ୍ୟକ ଯେ, ନିଜର ପରିବେଶରେ ଓ ପରିସରର ରହି ପ୍ରତ୍ୟେକ ସ୍ତରରେ ହିଂସା ଓ ଉପଦ୍ରବକୁ ଦୂରୀଭୂତ କରିବା ଏବଂ ପ୍ରକୃତ ଶାନ୍ତି ସ୍ଥାପନ ନିମନ୍ତେ ଯଥାସମ୍ଭବ ପ୍ରୟାସ କରିବା ଉଚିତ୍ ।

ସଂସାର ଆଜି ଯେଉଁ ନ୍ୟାୟର ସନ୍ଧାନରତ ତାହା କିପରି ପ୍ରାପ୍ତ ହୋଇପାରିବ ? ଏହା ଏକ ଗୁରୁତ୍ୱପୂର୍ଣ୍ଣ ଓ କ୍ଲୀଷ୍ଟପୂର୍ଣ୍ଣ ପ୍ରଶ୍ନ ଅଟେ । ଏହାର ସାଧାରଣ ଉତ୍ତର ଏହିକି ଯେ, ଯେପରି ଜଣେ ବୁଭୁକ୍ଷ (ଭୋକିଲା) ବ୍ୟକ୍ତିର ବୁଭୁକ୍ଷତା କେବଳ ରୁଟି କିମ୍ବା ଭୋଜନା କରିବାର ପୁନରାବୃତ୍ତି ଦ୍ୱାରା ସମାପ୍ତ ହୋଇ ପାରିବ ନାହିଁ । ଠିକ୍ ସେହିପରି ନ୍ୟାୟ କେବଳ ଫମ୍ପା ସ୍ଲୋଗାନ୍ ଦେବା କିମ୍ବା ଆନ୍ତର୍ଜାତିକ ନ୍ୟାୟାଳୟର ମନ୍ଦିର ଅର୍ଥାତ ନ୍ୟାୟାଳୟ ପ୍ରତିଷ୍ଠା କରିଦେଲେ ନ୍ୟାୟ ସ୍ଥାପିତ ହୋଇପାରିବ ନାହିଁ । କିନ୍ତୁ ନିରପେକ୍ଷ ନ୍ୟାୟ ଓ ବିଚାର ଉପରେ ପ୍ରତିଷ୍ଠିତ ଆଇନ୍ କାନୁନ ଓ ସେଗୁଡ଼ିକ ଉପରେ କାର୍ଯ୍ୟାନୁସରଣ କରିବାର ନିଶ୍ଚିନ୍ତ ବିଧାନ ବା ନିୟମ ଦ୍ୱାରା ଆନ୍ତର୍ଜାତିକ ନ୍ୟାୟ ସ୍ଥାପିତ ହେବା ସମ୍ଭବପର ଅଟେ । ଏହାର ଭବ୍ୟ ଉଦାହରଣ ଆଜକୁ ପ୍ରାୟ 1400 ବର୍ଷ ପୂର୍ବେ ଇସ୍‌ଲାମ୍ ଧର୍ମର ସଂସ୍ଥାପକ ହ. ମୁହମ୍ମଦ ସ.ଅ ସଂସାରବାସୀଙ୍କ ସମ୍ମୁଖରେ ଉପସ୍ଥାପିତ କରି ଦେଖାଇଥିଲେ ।

ଐଶୀ ବିଧାନ ଅନୁଯାୟୀ ରସୁଲୁଲ୍ଲାଃ ସ.ଅଙ୍କ ଅବତୀର୍ଣ୍ଣ ଆରବର ଭୂଖଣ୍ଡରେ ହୋଇଥିଲା ଯେଉଁଠି ନାନା ପ୍ରକାରର ଅନୈତିକ କାର୍ଯ୍ୟକଳାପ, ଅନ୍ୟାୟ, ଅନୀତି, ଅତ୍ୟାଚାର ଓ ସୀମା ଲଂଘନ ଭଳି ଜଘଣ୍ୟ ଅପରାଧ ହେଉଥିଲା ଚତୁର୍ଦ୍ଦିଗରେ ଏହି ସମସ୍ତ ପାପ ପରିବ୍ୟାପ୍ତ ଥିଲା । ଆପଣ ସ.ଅ ଅନ୍ୟାୟ ଓ ଅତ୍ୟାଚରରେ ପରିପୂର୍ଣ୍ଣ ଏହି ଆରବୀୟ ଭୂଖଣ୍ଡକୁ ନ୍ୟାୟର ଦେଦୀପ୍ୟମାନ ଦୋଳି ପ୍ରଦାନ କରିଥିଲେ । ଅନ୍ୟପଟେ ଅତ୍ୟାଚାରିତ କ୍ରୀତଦାସଙ୍କୁ ସେମାନଙ୍କର ଅଧିକାର ପ୍ରଦାନ କରିଥିଲେ । ନ୍ୟାୟର ଅୟମାରମ୍ଭ ପ୍ରାଥମିକ ସ୍ତରରୁ ହିଁ କରିଥିଲେ । ଏହାପରେ ସାଇ ପଡ଼ିଶା, ସହର, ରାଷ୍ଟ୍ର ଓ ଆନ୍ତର୍ଜାତିକ ସ୍ତରରେ ନ୍ୟାୟ ସ୍ଥାପନ କରି ଦେଖାଇ ଦେଇଥିଲେ । ଘରୋଇ ସ୍ତରରେ ଆପଣ ସ.ଅ ଯେଉଁଠି ଅଭିଭାବକ, ସନ୍ତାନ, ବନ୍ଧୁ ବାନ୍ଧବ, ସଂପର୍କୀୟ, ଆବାଳ ବୃଦ୍ଧ ବନୀତା ଓ ପ୍ରତିବେଶୀମାନଙ୍କର ଅଧିକାର ସ୍ଥାପନ ତଥା ସମ୍ପାଦନ କରିଥିଲେ । ସେଠାରେ ସମାଜରେ ବିଭିନ୍ନ ଜାତି, ଧର୍ମ, ବର୍ଣ୍ଣ ଓ ନିର୍ବିଶେଷରେ ପାର୍ଥକ୍ୟ ଏବଂ ତାରତମ୍ୟକୁ ଦୂରୀଭୂତ କରି ସାମାଜିକ, ଅର୍ଥନୈତିକ ଓ ଧାର୍ମିକ, ନ୍ୟାୟିକ ଇତ୍ୟାଦି ପ୍ରତ୍ୟେକ ପାର୍ଶ୍ୱରୁ ନ୍ୟାୟ ସ୍ଥାପନ କରି ଦେଖାଇଦେଲେ । ନ୍ୟାୟର ସେହି ଧ୍ୱଜବାହକ ଏହି ଘୋଷଣା କଲେ ଯେ وَأُمِرْتُ لِأَعْدِلَ بَيْنَكُمُ **(ଅଶ୍ ଶୁରା: 16) ଅର୍ଥାତ ହେ ସଂସାରବାସୀ ! ଆମ୍ଭକୁ ଆଦେଶ ଦିଆଯାଇଛି ଯେ ,ଆମ୍ଭେ ତୁମ୍ଭ ମଧ୍ୟରେ ନ୍ୟାୟପୂର୍ବକ ନିଷ୍ପତ୍ତି କରିବୁ ।**

ସଂସାରରେ ଶାନ୍ତି ନିମନ୍ତେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଓ ପ୍ରମୁଖ ଆଦେଶ ସଂକ୍ରାନ୍ତରେ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ ଏହି ଆଦେଶ ଦେଇଛନ୍ତି ଯେ إِنَّ اللَّهَ يَأْمُرُ بِالْعَدْلِ وَالْإِحْسَانِ وَإِيتَاءِ ذِي الْقُرْبَىٰ وَيَنْهَىٰ عَنِ الْفَحْشَاءِ وَالْمُنكَرِ وَالْبَغْيِ يَعِظُكُمْ لَعَلَّكُمْ تَذَكَّرُونَ **(ଅନ୍ ନହଲ:91)** ଅନୁବାଦ୍ :ବାସ୍ତବରେ ଅଲ୍ଲାଃତାଲା ନ୍ୟାୟ ବିଚାର କରିବାକୁ ତଥା ଅନ୍ୟର ହିତ ସାଧାନ କରିବାକୁ ଏବଂ ଆତ୍ମୀୟ ସ୍ୱଜନମାନଙ୍କ ସଦୃଶ ଅନ୍ୟମାନଙ୍କୁ ସହାଯ୍ୟ କରିବାକୁ ଆଦେଶ ଦେଉଛନ୍ତି ଏବଂ ପ୍ରତ୍ୟେକ ପ୍ରକାରର ନିର୍ଲଜତା ଓ ଅଶୋଭନୀୟ ବିଷୟ ତଥା ବିଦ୍ରୋହ କରିବାକୁ ବାରଣ କରୁଛନ୍ତି । ସେ ତୁମମାନଙ୍କୁ ଏଥି ନିମନ୍ତେ ଉପଦେଶ ଦେଇଛନ୍ତି ଯଦ୍ଦ୍ୱାରା ତୁମେମାନେ ବୁଝିପାରିବ । ସୁତରାଂ ଇସ୍‌ଲାମ୍ ଧର୍ମ ଏଭଳି ଏକ ଧର୍ମ ଯାହାକୁ ଅଲ୍ଲାଃତାଲା ଭୂପୃଷ୍ଠରେ ବାସ କରୁଥିବା ସମସ୍ତ ଜୀବମାନଙ୍କ ସହିତ ନ୍ୟାୟ ବିଚାର କରିବା ନିମନ୍ତେ ପ୍ରେରଣ କରିଛନ୍ତି । ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ ସାମାଜିକ, ଅର୍ଥନୈତିକ, ଧାର୍ମିକ ଓ ନ୍ୟାୟିକ ଇତ୍ୟାଦି ପ୍ରତ୍ୟେକ ପକ୍ଷରୁ ଓ ପ୍ରତ୍ୟେକ ସ୍ତରରେ ନ୍ୟାୟ ସ୍ଥାପନର ନୀତି ନିର୍ଦ୍ଧାରଣ କରିଛନ୍ତି । ପ୍ରଥମ ନୀତି ମନୁଷ୍ୟ ମୌଳିକ ଅଧିକାର ସହିତ ସଂପର୍କିତ ଅଟେ । ଅଲ୍ଲାଃତାଲା କୁହନ୍ତି: مِنْ أَجْلِ ذَٰلِكَ كَتَبْنَا عَلَىٰ بَنِي إِسْرَائِيلَ أَنَّهُ مَن قَتَلَ نَفْسًا بِغَيْرِ نَفْسٍ أَوْ فَسَادٍ فِي الْأَرْضِ فَكَأَنَّمَا قَتَلَ النَّاسَ جَمِيعًا وَمَنْ أَحْيَاهَا فَكَأَنَّمَا أَحْيَا النَّاسَ جَمِيعًا ۚ وَلَقَدْ جَاءَتْهُمْ رُسُلُنَا بِالْبَيِّنَاتِ ثُمَّ إِنَّ كَثِيرًا مِّنْهُم بَعْدَ ذَٰلِكَ فِي الْأَرْضِ لَمُسْرِفُونَ (ଅଲ୍ ମାଏଦା: 33) (ଅବଶିଷ୍ଟାଂଶ ପରବର୍ତ୍ତୀ ସଂଖ୍ୟାରେ....)

# (ଖୁତ୍‌ବା ଜୁମା)

ଅଲ୍ଲାଃତାଲାଙ୍କ ଦ୍ୱାରା ସୃଷ୍ଟ ପ୍ରାଣୀମାନଙ୍କ ପ୍ରତି ତୁମେମାନେ ଏପରି ପୁଣ୍ୟାଚରଣ ପ୍ରଦର୍ଶନ କର ଯେ, ତହିଁରେ କୃତ୍ରିମତା ଓ ଆଡ଼ମ୍ବରତା କଦାପି ନଥିବ । (ହ. ମସିହ୍ ମଉଦ୍ ଅ.ସ)

ପ୍ରକୃତ ବିଶ୍ୱାସକାରୀର ଏହି ଲକ୍ଷଣ ରହିଛି ଯେ, ସେ ନିଜର ବିଶ୍ୱାସକୁ ସୁଦୃଢ କରିବା ନିମନ୍ତେ ଅଲ୍ଲାଃତାଲାଙ୍କ ଦ୍ୱାରା ପ୍ରଦତ୍ତ ଆଦେଶାବଳୀ ଓ ଉପଦେଶାବଳୀ ଉପରେ କାର୍ଯ୍ୟାନୁସରଣ କରୁ ।

ହ. ମସିହ୍ ମଉଦ୍ ଅ.ସ ଉକ୍ତ ଆୟତ୍‌ର ବ୍ୟାଖ୍ୟା ଏପରି ବ୍ରହ୍ମଜ୍ଞାନୀ ମୁନୀଙ୍କ ପରି ବର୍ଣ୍ଣନା କରିଛନ୍ତି ଯେ, ଏହା ଦ୍ୱାରା ପ୍ରକୃତ ରୂପେ ଅଲ୍ଲାଃତାଲାଙ୍କ ସହିତ ବ୍ରହ୍ମଜ୍ଞାନମୂଳକ ପରିଚୟ ପ୍ରାପ୍ତ ହୋଇଥାଏ, ଯାହାକି ଜଣେ ବିଶ୍ୱାସକାରୀକୁ ବିଶ୍ୱାସ ଓ ଅସ୍ଥାର ନୂତନ ଗନ୍ତବ୍ୟ ସ୍ଥଳ ଆଡ଼କୁ ନେଇ ଯାଇଥାଏ ।

ହ. ମସିହ୍ ମଉଦ୍ ଅ.ସଙ୍କୁ ସ୍ୱୀକାର କରିଥିବା ଲୋକମାନଙ୍କର ଏହି କର୍ତ୍ତବ୍ୟ ରହିଛି ଯେ, ସେମାନେ ଅଲ୍ଲାଃତାଲାଙ୍କୁ ପ୍ରତ୍ୟେକ୍ଷ ରୂପେ ନିଜ ସମ୍ମୁଖରେ ରଖି ନିଜର ସଂଶୋଧନ କରିବା ସଙ୍ଗେସଙ୍ଗେ ସଂସାରର ସଂଶୋଧନ ମଧ୍ୟ କରନ୍ତୁ ।

ଏହିପରି ପବିତ୍ର ଶିକ୍ଷା ନା ଆମେମାନେ ତୌରାତ୍‌ରେ ଅବଲୋକନ କରିଛୁ ଓ ନା ହିଁ ଇଞ୍ଜିଲ୍‌ରେ ଅବଲୋକନ କରିଛୁ, ନା ଆମେମାନେ ପୃଷ୍ଠା ପୃଷ୍ଠା କରି ପାଠ କରିଛୁ । କିନ୍ତୁ ଏଭଳି ପବିତ୍ର ଓ ପୂର୍ଣ୍ଣତମ ଶିକ୍ଷାର ଚିହ୍ନ ବର୍ଣ୍ଣ ମଧ୍ୟ ଅବଲୋକନ କରି ନାହୁଁ ।

ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସଙ୍କ ଦ୍ୱାରା ପ୍ରଦତ୍ତ ଉପଦେଶାବଳୀରେ **ସୁରତୁନ୍ ନହଲ୍**ର ୨୧ତମ ଆୟତ୍‌ରେ ବର୍ଣ୍ଣିତ ନ୍ୟାୟ ବିଚାର, ଉପକାର ଓ ଆତ୍ମୀୟ ସ୍ୱଜନମାନଙ୍କର ଅଧିକାର ସମ୍ପାଦନ କରିବା ସଂକ୍ରାନ୍ତରେ ଚକ୍ଷୁବର୍ଦ୍ଧକ ବିଶ୍ୱାସର ବର୍ଣ୍ଣନା ତଥା ପାକିସ୍ତାନରେ ଅହେମଦିମାନଙ୍କ ନିମନ୍ତେ ଦୁଆ କରିବା ପାଇଁ ଜମାଅତ୍‌ର ସଦସ୍ୟ ବୃନ୍ଦଙ୍କୁ ହୁଜୁର ଅନ୍‌ୱର୍ ଅ.ବଙ୍କ ଆହ୍ୱାନ ।

**ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍‌ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍ଅ.ବଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା 05 May 2023 ମସିହା ଅନୁଯାୟୀ ୦୫ ହିଜ୍ରତ୍ /୧୪୦୨ସ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ اِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ و رَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُلِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّا كَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ ۔صِرَاطَ الَّذِيْنَ اَنْعَمْتَ عَلَيْهِمْ ۔غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ;اِنَّ اللّٰهَ يَاْمُرُ بِالْعَدْلِ وَالْاِحْسَانِ وَاِيْتَآئِ ذِى الْقُرْبٰى وَيَنْهٰى عَنِ الْفَحْشَآءِ وَالْمُنْكَرِ وَالْبَغْيِ ۚ يَعِظُكُمْ لَعَلَّكُمْ تَذَكَّرُوْنَ(ଅନ୍ ନହଲ୍:91) ବାସ୍ତବରେ ଅଲ୍ଲାଃତାଲା ନ୍ୟାୟ ବିଚାର କରିବାକୁ ତଥା ଅନ୍ୟର ହିତ ସାଧନ କରିବାକୁ ଏବଂ ଆତ୍ମୀୟ ସ୍ୱଜନମାନଙ୍କ ସଦୃଶ ଅନ୍ୟମାନଙ୍କୁ ସାହାଯ୍ୟ କିବାକୁ ଆଦେଶ ଦେଉଛନ୍ତି ଏବଂ ପ୍ରତ୍ୟେକ ପ୍ରକାରର ନିର୍ଲଜ୍ଜତା ଓ ଅଶୋଭନୀୟ ବିଷୟ ତଥା ବିଦ୍ରୋହ କରିବାକୁ ବାରଣ କରିଛନ୍ତି। ସେ ତୁମମାନଙ୍କୁ ଏଥି ନିମନ୍ତେ ଉପଦେଶ ଦେଇଛନ୍ତି ଯଦ୍ଦ୍ୱାରାକି ତୁମେମାନେ ବୁଝିପାରିବ । ଉକ୍ତ ଆୟତ୍‌ଟି ପ୍ରତ୍ୟେକ ଜୁମା (ଶୁକ୍ରବାର) ଖୁତ୍‌ବା ସାନିୟା ଓ ଇଦେନ୍‌ର ଖୁତ୍‌ବା ସାନିୟାରେ ମଧ୍ୟ ପାଠ କରାଯାଇଥାଏ । ତହିଁରେ କେତେକ ପୁଣ୍ୟାବଳୀର ଚର୍ଚ୍ଚା କରାଯାଇଛି ଯେଉଁ ପୁଣ୍ୟାବଳୀକୁ ସମ୍ପାଦନ କରିବା ନିମନ୍ତେ ଅଲ୍ଲାଃତାଲା ଆଦେଶ ଦେଇଛନ୍ତି ଓ ଉକ୍ତ ଆୟତ୍‌ରେ ମନ୍ଦ କର୍ମର ଚର୍ଚ୍ଚା ରହିଛି ଯହିଁରୁ ନିବୃତ୍ତ ରହିବା ନିମନ୍ତେ ଅଲ୍ଲାଃତାଲା ଆଦେଶ ଦେଇଛନ୍ତି । ଜଣେ ପ୍ରକୃ ବିଶ୍ୱାସକାରୀର ଏହା ହିଁ ଲକ୍ଷଣ ଯେ, ସେ ନିଜର ବିଶ୍ୱାସକୁ ସୁଦୃଢ କରିବା ନିମନ୍ତେ ଅଲ୍ଲାଃତାଲାଙ୍କ ଆଦେଶାବଳୀ ଏବଂ ତାହାଙ୍କ ଉପଦେଶାବଳୀ ଉପରେ କାର୍ଯ୍ୟାନୁସରଣ କରୁ । ଅନ୍ୟଥା ସେହି ମର୍ଯ୍ୟାଦା ପ୍ରାପ୍ତ ହେବ ନାହିଁ ଯାହାକି ଏକ ମୁସଲମାନ ବ୍ୟକ୍ତିକୁ ପ୍ରକୃତ ବିଶ୍ୱାସକାରୀ ରୂପେ ଗଢି ତୋଲିଥାଏ ।

ଉପରୋକ୍ତ ଆୟତ୍‌ରେ ଯେଉଁ ପୁଣ୍ୟାବଳୀ ତଥା ଉପଦେଶର ଚର୍ଚ୍ଚା କରାଯାଇଛି ଅର୍ଥାତ ନ୍ୟାୟ ବିଚାର, ଉପକାର ଏବଂ ଆତ୍ମୀୟ ସ୍ୱଜନମାନଙ୍କର କର୍ତ୍ତବ୍ୟ ସମ୍ପାଦନ କରିବା ସଂକ୍ରାନ୍ତରେ ହ. ମସିହ୍ ମଉଦ୍ ଅ.ସଙ୍କ ଆଦେଶାବଳୀ ଯାହାକୁ ଆପଣ ଅ.ସ ନିଜର ବିଭିନ୍ନ ପୁସ୍ତକରେ ଉଲ୍ଲେଖ କରିଛନ୍ତି ଏବଂ ବିଭିନ୍ନ ସଭା ସମିତିରେ ଉପସ୍ଥାପିତ କରିଛନ୍ତି ତାହା ଉପସ୍ଥାପିତ କରିବି । ଆପଣ ଅ.ସଙ୍କ ଦ୍ୱାରା ପ୍ରଦତ୍ତ ପ୍ରତ୍ୟେକ ଆଦେଶାବଳୀ ଗୋଟିଏ ପରିଧି ମଧ୍ୟରେ ହିଁ ପରିକ୍ରମା କରୁଅଛି । କିନ୍ତୁ ବିଭିନ୍ନ ରଙ୍ଗରେ ଉପଦେଶ ରହିଛି ଯାହାକି ଆମମାନଙ୍କର ଜୀବନ ଅଲ୍ଲାଃତାଲାଙ୍କ ଆଦେଶାବଳୀ ଅନୁଯାୟୀ ଅତିବାହିତ କରିବା ପ୍ରତି ମାର୍ଗଦର୍ଶନ କରିଥାଏ । ଏହି ବିଶେଷତା ଓ ପୁଣ୍ୟାବଳୀ କେବଳ ମନୁଷ୍ୟମାନଙ୍କ ସହିତ ସଂଶ୍ଳୀଷ୍ଟ ନୁହେଁ ବୋଲି ଆପଣ ଅ.ସ ବର୍ଣ୍ଣନା କରିଛନ୍ତି । ବରଂ ଉକ୍ତ କଥାକୁ ମଧ୍ୟ ବର୍ଣ୍ଣନା କରିଛନ୍ତି ଯେ, ଅଲ୍ଲାଃତାଲାଙ୍କ ସହିତ କିପରିକା ନ୍ୟାୟ ବିଚାର, ଉପକାର ଓ ଆତ୍ମୀ ସ୍ୱଜନମାନଙ୍କ ସହିତ ସଂପର୍କ ରଖିବା ଉଚିତ୍ ।

ଆପଣ ଅ.ସ ଏହାର ବ୍ୟାଖ୍ୟା ଏପରି ବ୍ରହ୍ମଜ୍ଞାନୀ ମୁନୀ ଢଙ୍ଗରେ ବର୍ଣ୍ଣନା କରିଛନ୍ତି, ଯାହାକି ପ୍ରକୃତ ରୂପେ ଅଲ୍ଲାଃତାଲାଙ୍କ ସହିତ ସଂପର୍କର ପରିଚୟ ପ୍ରାପ୍ତ ହୋଇଥାଏ । ଏହି ପରିଚୟ ପୁଣି ବିଶ୍ୱାସକାରୀକୁ ବିଶ୍ୱାସ ଏବଂ ଆସ୍ଥାର ନୂତନ ଗନ୍ତବ୍ୟ ସ୍ଥଳ ପର୍ଯ୍ୟନ୍ତ ନେଇଯାଇଥାଏ । ସେ ଯାହା ହେଉ ନା କାହିଁକି ବର୍ତ୍ତମାନ ପ୍ରାମାଣ୍ୟଗୁଡ଼ିକୁ ମୁଁ ଆପଣମାନଙ୍କ ସମ୍ମୁଖରେ ଉପସ୍ଥାପିତ କରିବି । ଏହା ଉପରେ ମନୁଷ୍ୟ ବିଚାର କରୁ ଓ ଏହାକୁ ନିଜ ଜୀବନର ଏକ ଅଙ୍ଗ ରୂପେ ବରଣ କରିବା ନିମନ୍ତେ ଉଦ୍ୟମ କରୁ । ସୁତରାଂ ଆମମାନଙ୍କୁ ଏପରି ଏକ କାର୍ଯ୍ୟସୂଚୀ ପ୍ରାପ୍ତ ହୋଇଥାଏ ଯାହାକି ବାସ୍ତବରେ ଆମମାନଙ୍କୁ ଅଲ୍ଲାଃତାଲାଙ୍କ ସହିତ ଯୋଡ଼ିଥାଏ ଏବଂ ପରସ୍ପରର ଅଧିକାର ସମ୍ପାଦନ କରିବା ପ୍ରତି ମଧ୍ୟ ଧ୍ୟାନ ଆକର୍ଷିତ କରିଥାଏ ଓ ଏକ ସୁନ୍ଦର, ସୁସ୍ଥ ଏବଂ ଶାନ୍ତିପୂର୍ଣ୍ଣ ସମାଜ ଗଠନ କରିବା ନିମନ୍ତେ ପ୍ରତିଭୂ (ଗ୍ୟାରେଣ୍ଟି) ଦେଇଥାଏ । କିନ୍ତୁ ବଡ଼ ଦୁଃଖ ଓ ପରିତାପର ବିଷୟ ଯେ, ସଂସାରର ସଂଖ୍ୟାଗରିଷ୍ଠ ଲୋକମାନେ ପରସ୍ପରରର ଅଧିକାରକୁ କ୍ଷୁର୍ଣ୍ଣ ବା ହଡ଼ପ୍ କରିବାରେ ଉଦ୍ୟମରତ ଅଟନ୍ତି । ସେ ପଛେ ମୁସଲମାନ ଜଗତ ହେଉ ଅବା ଅଣମୁସଲମାନ ସଂପ୍ରଦାୟ ହେଉ । ମୁସଲମାନମାନେ ଅଲ୍ଲାଃତାଲାଙ୍କର ନାମ ତ' ନିଅନ୍ତି କିନ୍ତୁ ଅଲ୍ଲାଃତାଲାଙ୍କ ନାମରେ ଅନ୍ୟ ଉପରେ ଅକଥନୀୟ ଅତ୍ୟାଚାର କରିବାର ସୀମା ଲଂଘନ ମଧ୍ୟ କରିଛନ୍ତି । ଏଭି ପରିସ୍ଥିତିରେ ହ. ମସିହ୍ ମଉଦ୍ ଅ.ସଙ୍କୁ ସ୍ୱୀକାର କରିଥିବା ଜମାଅତ୍‌ର ସଦସ୍ୟ ବୃନ୍ଦଙ୍କର ଏହି କର୍ତ୍ତବ୍ୟ ତଥା ଏହି ଦାୟିତ୍ୱ ରହିଛି ଯେ, ସେମାନେ ଅଲ୍ଲାଃତାଲାଙ୍କର ଆଦେଶାବଳୀକୁ ଦୃଷ୍ଟି ସମ୍ମୁଖରେ ରଖି ନିଜର ସଂଶୋଧନ କରନ୍ତୁ ଓ ସଂସାରର ସଂଶୋଧନର ମଧ୍ୟ ଉଦ୍ୟମ କରନ୍ତୁ । ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଅଲ୍ଲାଃତାଲା ତୁମମାନଙ୍କୁ ଏହି ଆଦେଶ ଦିଅନ୍ତି ଯେ, ତୁମେ ଅଲ୍ଲାଃତାଲାଙ୍କ ଦ୍ୱାରା ସୃଷ୍ଟ ପ୍ରାଣୀମାନଙ୍କ ପ୍ରତି ନ୍ୟାୟ ବିଚାର କର । ଅର୍ଥାତ କେବଳ ଅଲ୍ଲାଃତାଲାଙ୍କର ଅଧିକାର ଓ ତାହାଙ୍କ ଭକ୍ତମାନଙ୍କର ଅଧିକାର ସମ୍ପାଦନ କର ତାହା ନୁହେଁ ବରଂ ଏହାଠୁ ବି ଅଧିକ ଯଦି ହୋଇପାରିବ ତେବେ ତୁମେମାନେ ସେମାନଙ୍କ ପ୍ରତି ଉପକାର କର । ଅର୍ଥାତ କର୍ତ୍ତବ୍ୟ ଠାରୁ ଅଧିକ ଏପରି ନିଷ୍ଠା ଦ୍ୱାରା ପ୍ରଭୁଙ୍କର ଉପାସନା କର ଯେପରିକି ତୁମେ ସାକ୍ଷାତ୍ ପ୍ରଭୁଙ୍କୁ ଦେଖୁଛ । ଅଧିକାର ଅପେକ୍ଷା ଲୋକମାନଙ୍କ ସହିତ ଶିଷ୍ଟତାମୂଳକ ଉତ୍ତମ ଆଚରଣ ପ୍ରଦର୍ଶନ କର । ଏହାଠୁ ବି ଅଧିକ ଯଦି ହୁଏ ତେବେ ତୁମେମାନେ ନିଃସ୍ୱାର୍ଥପର ହୋଇ ସେମାନଙ୍କ ପ୍ରତି ସଦ୍‌ବ୍ୟବାର ପ୍ରଦର୍ଶନ କର । ବ୍ୟକ୍ତିଗତ ସ୍ୱାର୍ଥରୁ ଉର୍ଦ୍ଧ୍ୱକୁ ଉଠି, ନିଃସ୍ୱାର୍ଥପର ହୋଇ ବିନା କୌଣସି ଅଭିପ୍ରାୟ ରଖି ଅଲ୍ଲାଃତାଲାଙ୍କ ସମ୍ମୁଖରେ ଉପସ୍ଥିତ ହେବା । ସେହିପରି ଅଲ୍ଲାଃତାଲାଙ୍କ ଜୀବମାନଙ୍କ ଅଧିକାର ଏହିପରି ଯେ, ତୁମେ ନିଃସ୍ୱାର୍ଥପର ହୋଇ ସେମାନଙ୍କର ସେବା ସମ୍ପାଦନ କର । ଯେପରି ତୁମେ ନିଜର ଆତ୍ମୀୟ ସ୍ୱଜନମାନଙ୍କର ସେବା କରିଥାଅ ଠିକ୍ ସେହିପରି ସେବା

ଏବଂ ଆଚରଣ ପ୍ରଦର୍ଶନ କର ।" **(ଶେହ୍‌ନାଏ ହକ୍, ରୁହାନୀ ଖଜାଏନ୍, ଭାଗ-2, ପୃ-361-362)**

ପୁନଶ୍ଚ ଉକ୍ତ ଆୟତ୍ ଅନୁଯାୟୀ ଅଲ୍ଲାଃତାଲାଙ୍କ କର୍ତ୍ତବ୍ୟ ସମ୍ପାଦନ କରିବା ପ୍ରତି ଧ୍ୟାନ ଆକର୍ଷଣ କରି ଆପଣ ଅ.ସ ଅତିରିକ୍ତ ଏବଂ ସ୍ପଷ୍ଟ ଭାବରେ କହୁନ୍ତି: "ଭକ୍ତମାନଙ୍କର ଅଧିକାର କିପରି ସାବ୍ୟସ୍ତ ହେବ ? ତାହା ଏହିପରି ଯେ, ତୁମେମାନେ ନିଜର ସୃଷ୍ଟିକର୍ତ୍ତାଙ୍କ ସହିତ ତାହାଙ୍କ ଆଜ୍ଞାବହତାରେ ନ୍ୟାୟର ପନ୍ଥା ଅବଲମ୍ବନ କର ଓ ଅନ୍ୟାୟ କର ନାହିଁ ତଥା ଅତ୍ୟାଚାରୀ ହୁଅ ନାହିଁ । ସର୍ବଦା ଏହି ଚିନ୍ତାଧାରା ରଖ ଏବଂ ଅଲ୍ଲାଃତାଲାଙ୍କ ଆଜ୍ଞାବହତାରେ ସର୍ବଦା ନ୍ୟାୟ ବିଚାରର ପନ୍ଥା ଅବଲମ୍ବନ କର । ସୁତରାଂ ଯେପରିକି ବାସ୍ତବରେ ପ୍ରଭୁଙ୍କ ବ୍ୟତୀତ ଅନ୍ୟ କେହି ବି ଉପାସ୍ୟ ଯୋଗ୍ୟ ନୁହନ୍ତି, କେହି ବି ପ୍ରେମ ଯୋଗ୍ୟ ନୁହନ୍ତି, କେହି ବି ଭରସା ଯୋଗ୍ୟ ନୁହନ୍ତି । କାରଣ ସ୍ରଷ୍ଟା ହେବା ଯୋଗୁଁ, ଚିରଞ୍ଜିବୀ ହେବା ଯୋଗୁଁ ଓ ଉପାସକ ହେବା ଯୋଗୁଁ ସକଳ ପ୍ରକାରର ଅଧିକାର କେବଳ ଅଲ୍ଲାଃତାଲାଙ୍କ ପାଇଁ ହିଁ ଉଦ୍ଦିଷ୍ଟ ।" ଅଲ୍ଲାଃତାଲାଙ୍କ ସହିତ ନ୍ୟାୟ ବିଚାର କ'ଣ ? ଅର୍ଥାତ ଅଲ୍ଲାଃତାଲାଙ୍କ ସହିତ ଆଜ୍ଞାବହତାମୂଳକ ସଂପର୍କ ରଖିବା ଓ ଆଜ୍ଞାବହତାମୂଳକ ସଂପର୍କ ଏଇଥିପାଇଁ ରଖିବା ଯେ, ସେ ଆମମାନଙ୍କର ସ୍ରଷ୍ଟା ଅଟନ୍ତି, ସେ ଚିରଞ୍ଜିବୀ ଅଟନ୍ତି , ସେ ଉପାସନାର ଅଧିକାରୀ ଅଟନ୍ତି, ତାହାଙ୍କ ହସ୍ତରେ ହିଁ ଉପାସନାର ଅଧିକାର ନ୍ୟସ୍ତ ରହିଛି, ସେ ରବ୍ ଅର୍ଥାତ ପାଳନକର୍ତ୍ତା ଅଟନ୍ତି, ଆମମାନଙ୍କର ସମସ୍ତ ଆବଶ୍ୟକତାକୁ ପରିପୂରଣ କରିଥାଆନ୍ତି । ତେଣୁ ଏହି ଅଧିକାର କେବଳ ତାହାଙ୍କ ନିମନ୍ତେ ହିଁ ଉଦ୍ଦିଷ୍ଟ । ତାହାଙ୍କ ଉପାସନାରେ ଅନ୍ୟ କାହାରିକୁ ସମକକ୍ଷ କର ନାହିଁ । ତେଣୁ ତୁମେମାନେ ଯଦି ତାହାଙ୍କର ମର୍ଯ୍ୟାଦା ଏବଂ ତାହାଙ୍କର ଗାରିମାକୁ ବୁଝିନେଲ ତାହାହେଲେ ଏହା ନ୍ୟାୟ ବିଚାର ଅଟେ । ତେଣୁ ଏହାର ସମ୍ମାନ ତୁମମାନଙ୍କ ପକ୍ଷେ ବିଧେୟ ଥିଲା । ଏହି ନ୍ୟାୟ ବିଚାର ଅଲ୍ଲାଃତାଲାଙ୍କ କ୍ଷେତ୍ରରେ ହିଁ ଉଦ୍ଦିଷ୍ଟ । ଏହାକୁ ସମ୍ପାଦନ କରିବା ଆବଶ୍ୟକ ଅଟେ । ପୁନଶ୍ଚ ଯଦି ଏହାକୁ ପାଥେୟ କରି ତୁମେମାନେ ଯଦି ଆଗକୁ ଅଗ୍ରସର ହେବାକୁ ଚାହଁ ତେବେ ପରବର୍ତ୍ତୀ ପକ୍ଷେପ ଗ୍ରହଣ କରିବାକୁ ହେଲେ ଉପକାରର ସ୍ତର ହେଉଛି ସେହି ସ୍ତର ଯାହାକି ତୁମେମାନେ ତାହାଙ୍କ ମର୍ଯ୍ୟାଦା ଏବଂ ତାହାଙ୍କ ପ୍ରତାପ ତଥା ତାହାଙ୍କ ଅକ୍ଷୟ ସୌନ୍ଦର୍ଯ୍ୟକୁ ଅବଲୋକନ କରି ନେଇଛ । ପରବର୍ତ୍ତୀ ପଦକ୍ଷେପ ହେଉଛି ଉପକାର । ଅଲ୍ଲାଃତାଲାଙ୍କ ଉପରେ କୃପା କରାଯାଇପାରିବ ନାହିଁ କିନ୍ତୁ ଏଠାରେ ଏହା ଯଥାର୍ଥ ଯେ, ତାହାଙ୍କ ଉପାସନାରେ, ତାହାଙ୍କ ସମ୍ମାନ ଏବଂ ମର୍ଯ୍ୟାଦା ପ୍ରଦର୍ଶନ କରିବାରେ ତାହାଙ୍କ ପ୍ରେମରେ ଏତେ ମାତ୍ରାରେ ବିଲୀନ ହୋଇଯାଅ ଯେ, ତୁମେ ଯେପରି ତାହାଙ୍କ ମର୍ଯ୍ୟାଦା ତଥା ତାହାଙ୍କ ମହିମାକୁ ଅବଲୋକନ କରିନେଇଛ, ତାହାଙ୍କ ପ୍ରତାପକୁ ମଧ୍ୟ ଅବଲୋକନ କରି ନେଇଛ ତଥା ତାହାଙ୍କ ବିଶେଷ ଗୁଣାବଳୀର ଅଧ୍ୟୟନ କରି ନେଇଛ ତାହାଙ୍କର ଅକ୍ଷୟ ସୌନ୍ଦର୍ଯ୍ୟକୁ ଅବଲୋକନ କରି ନେଇଛ । ପୁନଶ୍ଚ ଆପଣ ଅ.ସ କୁହନ୍ତି ଯେ, ଏତଦ୍‌ପରେاِيْتَاۤئِ ذِي الْقُرْبٰىର ସ୍ତର ରହିଛି। ଅର୍ଥାତ୍ ତାହା ଏହିକିଯେ, ତୁମମାନଙ୍କର ଉପାସନା ଓ ତୁମମାନଙ୍କର ପ୍ରେମ, ଆନ୍ତରୀକତା ତଥା ତୁମର ଆଜ୍ଞାବହତା ଦ୍ୱାରା ସଂପୂର୍ଣ୍ଣ ରୂପେ କୃତ୍ରିମତା, ଆଡ଼ମ୍ବର ତଥା ଶଙ୍କୋଚ ଦୂରୀଭୂତ ହୋଇଯାଉ । ପ୍ରଥମେ ସମ୍ଭବତଃ ଉପକାର ସ୍ୱରୂପ ତୁମେ ଯାହା ସମ୍ପାଦନ କରୁଅଛ, ଉଦ୍ୟମ କରୁଅଛ, କୃତ୍ରିମତା ପ୍ରଦର୍ଶନ କରୁଅଛ, ସମାନ୍ୟ ଆଡ଼ମ୍ବରତା ପ୍ରଦର୍ଶନ କରୁଅଛ । ପୁନଶ୍ଚ ଏପରି ମର୍ଯ୍ୟାଦା ପ୍ରାପ୍ତି କରିନିଅ ଯେ, ସଂପୂର୍ଣ୍ଣ ରୂପେ କୃତ୍ରିମତା ଏବଂ ଆଡ଼ମ୍ବରତା ଦୂରୀଭୂତ ହେଇଯାଉ । ହୃଦୟର ଏକ ଆବେଗିକ ଉତ୍ସାହ ଦ୍ୱାରା ତୁମେମାନେ ଅଲ୍ଲାଃତାଲାଙ୍କ ଉପସନାକାରୀ, ତାହାଙ୍କ ମର୍ଯ୍ୟାଦା ଓ ତାହାଙ୍କ ପ୍ରତାପକୁ ଅବଗତକାରୀ ବ୍ୟକ୍ତି ରୂପେ ହୋଇଯାଅ । ତୁମେମାନେ ତାହାଙ୍କୁ ଏପରି ନିବିଡ଼ ସଂପର୍କ ଦ୍ୱାରା ସ୍ମରଣ କର ଯେପରିକି ତୁମେମାନେ ନିଜର ପିତୃପୁରୁଷଙ୍କୁ ସ୍ମରଣ କରିଥାଅ ଓ ତୁମମାନଙ୍କର ପ୍ରେମ ଓ ଅନ୍ତରୀକତା ଏପରି ହୋଇଯାଉ ଯେପରିକି ସନ୍ତାନ ନିଜର ମାତାକୁ ପ୍ରେମ କରିଥାଏ ।"

ପୁନଶ୍ଚ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଅନ୍ୟ ପ୍ରକାରର ଯେଉଁ ସହାନୁଭୂତି ଏବଂ ଭକ୍ତମାନଙ୍କର ଯେଉଁ ଅଧିକାର ରହିଛି, ମାନବ ଜାତି ସଂକ୍ରାନ୍ତୀୟ ପ୍ରସଙ୍ଗ ରହିଛି ତତ୍‌ସମ୍ବନ୍ଧୀୟ ଆୟତ୍‌ର ଅର୍ଥ ଏହିକିଯେ, ନିଜର ଭାଇମାନଙ୍କୁ ଓ ମାନବଜାତି ପ୍ରତି ନ୍ୟାୟ ବିଚାର ପ୍ରଦର୍ଶନ କର ଓ ନିଜର ଅଧିକାର ଠାରୁ ଅଧିକ ସେମାନଙ୍କ ସହିତ ସେମାନଙ୍କର କାର୍ଯ୍ୟରେ ହସ୍ତକ୍ଷେପ କର ନାହିଁ ଏବଂ ନ୍ୟାୟ ପ୍ରଦର୍ଶନ କର, ସମାନତା ପ୍ରଦର୍ଶନ କର । ଯେଉଁ ପର୍ଯ୍ୟନ୍ତ ତୁମମାନଙ୍କର ଅଧିକାର ତଥା ସାମର୍ଥ୍ୟତା ରହିଛି ତାହା ନିଃଶଙ୍କୋଚ ହୋଇ ସେମାନଙ୍କ ଠାରୁ ମାଗ କିନ୍ତୁ ନ୍ୟାୟପୂର୍ଣ୍ଣ ଢଙ୍ଗରେ ମାଗ । ଅଯଥା ପ୍ରକାରର ବରାଦ କର ନାହିଁ । ଯଦି ଏହି ସ୍ତରରୁ ଉନ୍ନତି କରିବାକୁ ଚାହଁ ତେବେ ଏହାଠୁ ଅଗକୁ ଉପକାରର ସ୍ତର ରହିଛି ଏବଂ ତାହା ଏହିକିଯେ, ତୁମେ ନିଜ ଭାଇର ପାପ ଏବଂ ଅପରାଧ ବିପରୀତ ପୁଣ୍ୟ ପ୍ରଦର୍ଶନ କର ।"

ଯଦି କୌଣସି ବ୍ୟକ୍ତି ତୁମ ସହିତ ଅସଦ୍‌ବ୍ୟବହାର ପ୍ରଦର୍ଶନ କରେ ତେବେ ତୁମେ ତାହା ସହିତ ପୁଣ୍ୟ ପ୍ରଦର୍ଶନ କର । କାରଣ ଏହା ଉପକାର ଅଟେ । ସେ ତୁମକୁ ଯେଉଁ ଦୁଃଖ କଷ୍ଟ ଦେଇଛି ତୁମେ ତାହା ବଦଳରେ ଉକ୍ତ ବ୍ୟକ୍ତିକୁ ସୁଖ ପ୍ରଦାନ କର । ତାହାକୁ ଆନନ୍ଦ ପ୍ରଦାନ କରିବା ନିମନ୍ତେ ଉଦ୍ୟମ କର । ବିନମ୍ରତା ତଥା ପରୋପକାର ପୂର୍ବକ ସେ ତା'ର ହାତ ଧରିନେଉ । ପୁନଶ୍ଚ اِيْتَاۤئِ ذِي الْقُرْبٰىର ସ୍ତର ଏହିକି ଯେ, ତୁମେ ଯେଭଳି ନିଜର ଭାଇର ହିତ ସାଧନ କର କିମ୍ବା ଯେଭଳି ମାନବ ଜାତିର ମଙ୍ଗଳ କାମନା କରୁ । ଏହା ଦ୍ୱାରା ଅନ୍ୟ କୌଣସି ପ୍ରକାରର ଉପକାର ଅଭିପ୍ରେତ ନହେଉ । ଏହାର ଅର୍ଥ ଏହିକିଯେ, କୌଣସି ପ୍ରକାରର ଉପକାର ମଧ୍ୟ ନହେଉ । ବରଂ ସ୍ୱାଭାବତଃ ବିନା କୌଣସି ସ୍ୱାର୍ଥକୁ ଦୃଷ୍ଟିରେ ରଖି ତୋ ଦ୍ୱାରା ସମ୍ପାଦିତ ହେଉ । ତୁମେ ଏପରି କାର୍ଯ୍ୟ ସମ୍ପାଦନ କର ଯେ, ତାହା ସ୍ୱଭାବତଃ ସମ୍ପାଦିତ ହେଉଥିବ । ଯେପରିକି ଜଣେ ବ୍ୟକ୍ତି ଯେକି ଅନ୍ୟ ବ୍ୟକ୍ତିର ଆତ୍ମୀୟ ସ୍ୱାଜନ ହେବା ହେତୁ ସେ ଉକ୍ତ ବ୍ୟକ୍ତି ପ୍ରତି ପରୋପକାର ପ୍ରଦର୍ଶନ କରିଥାଏ, ଜଣେ ସଂପର୍କୀୟ ଅନ୍ୟ ସଂପର୍କୀୟ ପ୍ରତି ପରୋପକାର ପ୍ରଦର୍ଶନ କରିଥାଏ । ସେହି ଉପକାର ସାଧନରେ ଉକ୍ତ ବ୍ୟକ୍ତିର କୌଣସି ସ୍ୱାର୍ଥ ନିହିତ ନଥାଏ ବରଂ ସେହି ପରୋପକାର ସାଧନ କରିବାରେ ବ୍ୟକ୍ତିର ହୃଦୟରେ ଉତ୍ସାହ ଏବଂ ସ୍ପୃହା ହୋଇଥିବା ଆବଶ୍ୟକ । ଅତଏବ୍ ଏହି ଚାରିତ୍ରିକ ଉନ୍ନତିର ଚରମ ସ୍ତର ହେଉଛି ମାନବ ଜାତି ପ୍ରତି ସହାନୁଭୂତି ପ୍ରଦର୍ଶନ କରିବାରେ କୌଣସି ଆତ୍ମିକ ସ୍ୱାର୍ଥ ତଥା ଅଭିପ୍ରାୟ ନଥିବ । ବରଂ ଭ୍ରାତୃତ୍ୱତା, ମାନବୀୟ ସଂପର୍କର ଆବେଗ ତଥା ଉତ୍ସାହ ସେହି ଶୀର୍ଷ ସ୍ତର ପର୍ଯ୍ୟନ୍ତ ବୃଦ୍ଧି ପାଉ ଯେ, ସ୍ୱତଃପ୍ରବୃତ୍ତଃ ବିନା କୌଣସି ଆଡ଼ମ୍ବର ଓ ବିନା କୌଣସି ଅଭିପ୍ରାୟକୁ ଦୃଷ୍ଟିରେ ରଖି କୌଣସି ପ୍ରକାରର କୃତଜ୍ଞତା ପ୍ରଦର୍ଶନ କରିବା, ବିନା କୌଣସି କୃତଜ୍ଞତା ଜ୍ଞାପନ କରି ଅଭିଳାଷା ରଖିବା ଅବା ଦୁଆ କିମ୍ବା ଅନ୍ୟ କୌଣସି ପ୍ରକାରର ଶାସ୍ତି ଦ୍ୱାରା ସେହି ପୁଣ୍ୟ କେବଳ ସ୍ୱଭାବର ଉତ୍ସାହ ଦ୍ୱାରା ସମ୍ପାଦିତ ହୋଇଥାଏ । **(ଇଜାଲା ଅଉହାମ୍, ଭାଗ-2, ରୁହାନୀ ଖଜାଏନ୍, ଭାଗ-3, ପୃ-550-552)**

କିମ୍ବା ଏହା ହେଉ ଯେ, କେହି ତୁମର କୃତଜ୍ଞତା ଜ୍ଞାପନ କରୁ ଅବା ତୁମ ପାଇଁ କେହି ଦୁଆ (ପ୍ରାର୍ଥନା)କରୁ । ଅନ୍ୟ କୌଣସି ବ୍ୟକ୍ତି ତୁମ ନିମନ୍ତେ ପୁଣ୍ୟ କାମନା କରୁ । ତୁମେ ଅନ୍ୟ ଠାରୁ କିଛି ଆଶା କରିବା ଅନୁଚିତ୍ ଅଟେ । ବରଂ ନିଷ୍ଠାପୂର୍ଣ୍ଣ ସେହି ସାମୀପ୍ୟତାର ସଂପର୍କ ହେତୁ ଏହି କାର୍ଯ୍ୟ ହେବା ଉଚିତ୍ । ସୁତରାଂ ଏହି ହେଉଛି ସେହି ଆଚରଣ ଯାହାକୁ ଆମମାନଙ୍କୁ ସର୍ବପ୍ରଥମେ ପରସ୍ପର ମଧ୍ୟରେ କରିବା ଉଚିତ୍ ଓ ଏହାକୁ ବ୍ୟାପକ କରିବା ସହିତ ଅନ୍ୟମାନଙ୍କ ମଧ୍ୟ ପହଞ୍ଚାଇବା ଉଚିତ୍। ପୁନଶ୍ଚ ଅଲ୍ଲାଃତାଲାଙ୍କ ଅଧିକାର ସଂକ୍ରାନ୍ତରେ ଅତିରିକ୍ତ ଚର୍ଚ୍ଚା କରି ଆପଣ ଅ.ସ କୁହନ୍ତି: " ଅଲ୍ଲାଃତାଲାଙ୍କ ଅଧିକାର ପକ୍ଷାନୁଯାୟୀ ଉକ୍ତ ଆୟତ୍‌ର ଏହି ଅର୍ଥ ଯେ, ନ୍ୟାୟପାଳନ ପୂର୍ବକ ଅଲ୍ଲାଃତାଲାଙ୍କ ଆଜ୍ଞା ପାଳନ କର। କାରଣ ଯିଏ ତୁମ୍ଭର ଜନ୍ମଦାତା, ଯିଏ ତୁମ୍ଭର ପାଳନକର୍ତ୍ତା ଏବଂ ତୁମ୍ଭର ଲାଳନ ପାଳନ ସବୁ ସମୟ କରୁଛନ୍ତି ତାହାଙ୍କର ଏଗି ଅଧିକାର ରହିଛି ଯେ, ତୁମେ ମଧ୍ୟ ତାହାଙ୍କର ଆଜ୍ଞା ପାଳନ କର । ଅଲ୍ଲାଃତାଲା ତୁମମାନଙ୍କୁ ଜନ୍ମ ଦେଲେ, ତୁମର ଲାଳନ ପାଳନ କଲେ ଓ କରୁଛନ୍ତି, ସଂସାରର ସାଧନ ତୁମମାନଙ୍କ ନିମନ୍ତେ ଉପଲବ୍ଧ କରାଉଛନ୍ତି ତେଣୁ ତାହାଙ୍କର ଏହି ଅଧିକାର ରହିଛି ଯେ, ତୁମେମାନେ ମଧ୍ୟ ତାହାଙ୍କର ଆଜ୍ଞା ପାଳନ କର । ଯଦି ଏହାଠୁ ବି ଅଧିକ ତୁମର ବୁଦ୍ଧିମତା ତଥା ଚାତୁର୍ଯ୍ୟତା ରହିଛି ତେବେ ତୁମେ ତାହାଙ୍କ ଅଧିକାରକୁ ସମର୍ଥନପୂର୍ବକ ନିୟମାନୁବର୍ତ୍ତୀ ହୋଇ

**ଅଲ୍ଲାଃତାଲାଙ୍କ ବାଣୀ**

"ଓମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"
(ଅଲ୍ ହଜ୍:31)

**ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।**

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"
(ଆଲେ ଇମ୍ରାନ୍ :93)

**ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।**

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ତାହାଙ୍କର ମଧ ଆଜ୍ଞା ପାଳନ କର । "ପ୍ରଥମତଃ ନ୍ୟାୟ ବିଚାର ଏହିକିଯେ, ତୁମେମାନେ ଏହା ଧାନ ରଖ କି ଆମମାନଙ୍କୁ ଅଲ୍ଲାଃତାତାଲା ସୃଷ୍ଟି କରିଛନ୍ତି ଏବଂ ସେ ଆମମାନଙ୍କର ଆବଶ୍ୟକତା ପରିପୂରଣ କରୁଛନ୍ତି। ତେଣୁ ଆମମାନେ ମଧ ତାହାଙ୍କର ଆଜ୍ଞା ପାଳନ କରିବା ଉଚିତ୍ । କେବଳ ସେତିକି ନୁହଁ ବରଂ ଏହାଠୁ ବି ଅଧିକ ପରବର୍ତ୍ତୀ ପଦକ୍ଷେପ ଏହିକି ଯେ, କୃତଜ୍ଞତା ଜ୍ଞାପନପୂର୍ବକ ତାହାଙ୍କର ଆଜ୍ଞା ପାଳନ କର । କାରଣ କୃତଜ୍ଞକାରୀ ହେଉଛି ସେହି ବ୍ୟକ୍ତି ଯିଏ ନିଜ ପରମେଶ୍ୱରଙ୍କର କୃତଜ୍ଞତା ଜ୍ଞାପନ କରିଥାଏ । କାରଣ ପ୍ରଭୁଙ୍କର ଉପକାର ଏତେ ଅଗଣିତ ଯେ, ତାହା ଗଣ୍ୟ ହୋଇପାରିବ ନାହିଁ । ସୁତରାଂ ଯଦି ତୁମେମାନେ ଅଲ୍ଲାଃତାଲାଙ୍କ ଉପକାରକୁ ଗଣିବା ଆରମ୍ଭ କର ତେବେ ତୁମେମାନେ ତାହାଙ୍କ ଉପକାରର ଅଜ୍ଞା ପାଳନ କର । କାରଣ ଏହା ସମ୍ମାନ ଜନକ ମର୍ଯ୍ୟାଦା ଅଟେ। ଏହା ପ୍ରକାଶ୍ୟ ଯେ, ନ୍ୟାୟ ବିଚାରର ସ୍ତର ଠାରୁ ଅଧିକ ଶ୍ରେୟସ୍କର ହେଉଛି ସେହି ସ୍ତର ଯହିଁରେ ଆଜ୍ଞା ପାଳନ କରିବା ସମୟରେ ମଧ ଉପକାରର ତଥା କୃତଜ୍ଞତାର ପକ୍ଷ ଧାନ ରଖାଯାଉ । କାରଣ ପ୍ରତ୍ୟେକ ସମୟ ଅଧ୍ୟୟନ ଏବଂ ଉପକାରର ଅବଲୋକନ ପରୋପକାରୀ ରୂପ ଏବଂ ଗୁଣକୁ ମଧ ନିଜ ଦୃଷ୍ଟି ସମ୍ମୁଖକୁ ନେଇ ଆସିଥାଏ । ଅତଃ ଉପକାରର ସଂଜ୍ଞାରେ ଏହି ପ୍ରସଙ୍ଗ ପ୍ରବିଷ୍ଟ ଯେ, ବ୍ୟକ୍ତି ପ୍ରଭୁଙ୍କର ଏପରି ଉପାସନା କରୁ ଯେପରିକି ସେ ଅଲ୍ଲାଃତାଲାଙ୍କୁ ସାକ୍ଷାତ୍ ଦର୍ଶନ ବା ଅବଲୋକନ କରୁଛି ।"

ଅତଏବ ଯଦି ଉପକାରର ଏହିପରି ପ୍ରାରୂପ ରହିଛି ତେବେ ପରୋପକାରୀ ବ୍ୟକ୍ତି ଯିଏ ଅନ୍ୟ ବ୍ୟକ୍ତି ଉପରେ ଉପକାର କରିଛି ସେ ଅଲ୍ଲାଃତାଲାଙ୍କ ଉପରେ କେବେ ବି ଉପକାର କରିପରିବ ନାହିଁ । ସୁତରାଂ ଅଲ୍ଲାଃତାଲାଙ୍କର ଉପକାରକୁ ମନେପକାଇବା ମନୁଷ୍ୟକୁ ପରୋପକାରୀ ବ୍ୟକ୍ତିରେ ପରିଗଣିତ କରିଥାଏ ଓ ଆପଣ ସ.ଅ କହିଲେ, ଅଲ୍ଲାଃତାଲାଙ୍କର ଉପକାରରୁ ସ୍ମରଣ କରିବା ନିମନ୍ତେ ଏହି ପନ୍ଥା ହୋଇଥାଏ ଯେ, ଯେତେବେଳେ କୌଣସି ବ୍ୟକ୍ତି ତୁମ ଉପରେ ଉପକାର କରେ ସେତେବେଳେ ଉକ୍ତ ବ୍ୟକ୍ତିର ମୁଖମଣ୍ଡଳ ଓ ତା'ର ବିଶେଷତା ତୁମ ସମ୍ମୁଖରେ ଆସି ଉଭା ହୋଇଥାଏ ଏବଂ ସେତେବେଳେ ଉକ୍ତ ବ୍ୟକ୍ତି ସହିତ ତୁମର ଆନ୍ତରୀକତାପୂର୍ଣ୍ଣ ସଂପର୍କ ସ୍ଥାପନ ହୋଇଯାଇଥାଏ । ସେହିପରି ଅଲ୍ଲାଃତାଲାଙ୍କ ପ୍ରସଙ୍ଗରେ ଯେତବେଳେ ଏହି ସଂପର୍କ ସୃଷ୍ଟି ହୁଏ ସତେବେଳେ ତୁମେମାନେ ନିଷ୍ଠାପୂର୍ବକ ହୋଇ ତାହାଙ୍କର ଉପାସନା କର । ସେହି ଉପାସନା ଏପରି ଉପାସନା ହେବା ଉଚିତ୍ ଯେ, ତୁମ ହୃଦୟରେ ଏହି ଚିନ୍ତାଧାରା ସୃଷ୍ଟି ହେବ ଯେ, ଉପାସନା କରିବା ସମୟରେ ତୁମ ମସ୍ତିଷ୍କରେ ଏହି ବିଚାରଧାରା ଆସିପାରେ ଯେ, ତୁମେ ସାକ୍ଷାତ୍ ଈଶ୍ୱରଙ୍କୁ ଦର୍ଶନ କରୁଅଛ ।

ଆପଣ ଅ.ସ ପୁନଶ୍ଚ କହିଲେ ଯେ, ବାସ୍ତବରେ ଅଲ୍ଲାଃତାଲାଙ୍କର ଆଜ୍ଞାପାଳନକାରୀ ବ୍ୟକ୍ତିମାନଙ୍କୁ ତିନୋଟି ଶ୍ରେଣୀ ବିଭାଗରେ ବିଭକ୍ତ କରା ଯାଇପାରେ । **ପ୍ରଥମ-** ସେହି ଲୋକମାନେ ଯେଉଁମାନେ ପ୍ରେମ, ଆନ୍ତରୀକତା ଏବଂ ସାଧନକୁ ଦେଖି ଈଶ୍ୱରଙ୍କ ଉପକାରକୁ ଅବଲୋକନ କରିପାରନ୍ତି ନାହିଁ । ସେମାନଙ୍କ ଆଖିରେ ପରଦା ପଡିଛି କିମ୍ବା ସେମାନେ ସାଧନ ଉପରେ ଅହେତୁକ ଭାବରେ ଭରସା କକରୁଛନ୍ତି । ଅତଃ ଅଲ୍ଲାଃତାଲାଙ୍କର ଉପକାରକୁ ସେହି ବ୍ୟକ୍ତି ବା ଲୋକମାନେ ସଠିକ୍ ରୂପେ ହୃଦୟଙ୍ଗମ କରିପାରିବ ନାହିଁ ଓ ନା ହିଁ ସେହି ଉତ୍ସାହ ସେମାନଙ୍କ ମଧରେ ସୃଷ୍ଟି ହୋଇପାରିବ । କାରଣ ସେମାନେ ଜାଣି ପାରନ୍ତି ନାହିଁ ସେହି ହେତୁ ସେମାନଙ୍କ ମଧରେ ସେହି ଉତ୍ସାହ ସୃଷ୍ଟି ହୁଏ ନାହିଁ । ଅର୍ଥାତ୍ ଯେଉଁ ଉତ୍ସାହ ଅଲ୍ଲାଃତାଲାଙ୍କର ମର୍ଯ୍ୟାଦା ତଥା ତାହାଙ୍କ ମହିମା ଉପରେ ଦୃଷ୍ଟିପାତ କରିବା ଦ୍ୱାରା ସୃଷ୍ଟି ହୋଇଥାଏ ଏବଂ ସେହି ଉତ୍ସାହ ଯାହାକି ଉପକାର କରିଥିବା ପ୍ରଭୁଙ୍କ ଅସୀମ ଦାନ ବୋଲି ମନେକରି କ୍ରିୟାଶୀଳ ହୋଇଥାଏ ତାହା ପ୍ରେମ ଦ୍ୱାରା ତାହା କ୍ରିୟାଶୀଳ ହୋଇ ନଥାଏ । ତେଣୁ ଅଲ୍ଲାଃତାଲାଙ୍କ କ୍ଷେତ୍ରରେ ସେହି ବିଚାର ସଠିକ୍ ରପେ ସୃଷ୍ଟି ହେବ ନାହିଁ । ତାହାଙ୍କର ରୂପ ସମ୍ମୁଖକୁ ଆସିବ ନାହିଁ, ତାହାଙ୍କର ଉପକାରର ବିଚାର ମନରେ ସୃଷ୍ଟି ହେବ ନାହିଁ, ତତ୍ସଂକ୍ରାନ୍ତରେ ଏବଂ ଅଲ୍ଲାଃତାଲାଙ୍କ ଈଶ୍ୱରତ୍ୱ ସଂକ୍ରାନ୍ତରେ ମନୁଷ୍ୟ ଯଦି ନ ବିଚାର କରେ ତେବେ ସେହି ଉତ୍ସାହ ସୃଷ୍ଟି ହୋଇପାରିବ ନାହିଁ । ପରୋପକାରୀର ମହାନ ଅବଦାନକୁ ବିଚାର କରି ମନରେ ଯେଉଁ ଅବସ୍ଥା ଆନ୍ଦୋଳନ ସୃଷ୍ଟି ହୋଇଥାଏ ସେପରି ଅବସ୍ଥା ସୃଷ୍ଟି ହେବ ନାହିଁ ବରଂ ଏକ ସାମଗ୍ରିକ ଦୃଷ୍ଟି ଦ୍ୱାରା ଅଲ୍ଲାଃତାଲାଙ୍କ ସ୍ରଷ୍ଟାର ଅଧିକାର ଇତ୍ୟାଦିକୁ ସ୍ୱୀକାର କରି ନେଇଥାଆନ୍ତି । ଏହିପରି ଲୋକମାନେ ସାରାଂଶ ରୂପେ ଅଲ୍ଲାଃତାଲାଙ୍କର ସ୍ରଷ୍ଟା ହେବାକୁ ସ୍ୱୀକାର କରିନେଇ ଥାଆନ୍ତି ଯେ, ହଁ ଅଲ୍ଲାଃତାଲା ବିଦ୍ୟମାନ ଅଛନ୍ତି । ସେ ଆମକୁ ଗଢିଛନ୍ତି । କିନ୍ତୁ ଏହାର ଗହ୍ୱରତା ସଂପର୍କରେ ସେମାନଙ୍କୁ ଜଣା ନାହିଁ । ତତ୍ସଂକ୍ରାନ୍ତରେ ସେମାନେ ଅନବଗତ ଅଟନ୍ତି । ଅଲ୍ଲାଃତାଲାଙ୍କର ଉପକାରର ସେହି ବିସ୍ତୃତ ବିବରଣୀକୁ ଯାହା ଉପରେ ବାରମ୍ବାର ଦୃଷ୍ଟିପାତ କରିବା ସେହି ପ୍ରକୃତ ପରୋପକାରୀ ବ୍ୟକ୍ତିକୁ ଦୃଷ୍ଟି ସମ୍ମୁଖକୁ ନେଇ ଆସିଥାଏ ତାହାକୁ ସେମାନେ କଦାପି ଅବଲୋକନ କରନ୍ତି ନାହିଁ । ସେମାନେ ଏହାକୁ ଗଭୀର ଭାବରେ ଅବଲୋକନ କରନ୍ତି ନାହିଁ। କାରଣ ଅଲ୍ଲାଃତାଲାଙ୍କର ଯେଉଁ ଅଧିକାର ରହିଛି ତାହା ଆମମାନଙ୍କ ଠାରୁ କ'ଣ ଆଶା କରିଥାଏ ? ଏହାର ଗଭୀର ଅଧ୍ୟୟନ ସେମାନେ କରୁ ନାହାନ୍ତି । ସାଧନ ବା ପଦାର୍ଥର ଉପାସନା, ଧୂଳିକଣାର ପ୍ରକୃତ କାରକଙ୍କ ପୂର୍ଣ୍ଣ ମୁଖ ଦର୍ଶନ କରିବାରୁ ରୋକିଥାଏ । ସାଂସାରିକ କାରକଗୁଡ଼ିକ ଯାହା ରହିଛି ସେହି ଧୂଳିର ଆସ୍ତରଣ ଜମି ଯାଇଛି । ଫଳତଃ ଅଲ୍ଲାଃତାଲାଙ୍କ ସଠିକ୍ ମୁଖ ସେମାନଙ୍କୁ ଦୃଶ୍ୟମାନ ହୁଏ ନାହିଁ। ତେଣୁ ସେମାନଙ୍କୁ ସେହି ପ୍ରଭୁ ସ୍ୱଷ୍ଟ ରୂପେ ପ୍ରାପ୍ତ ହୁଅନ୍ତି ନାହିଁ ଯାହାଙ୍କ ଠାରୁ ପୂର୍ଣ୍ଣ ରୂପେ ପ୍ରଦାନକର୍ତ୍ତାର ସୌନ୍ଦର୍ଯ୍ୟକୁ ଅବଲୋକନ କରାଯାଇପାରୁଥିବ। ଯିଏ ପ୍ରଦାନକର୍ତ୍ତା ଏବଂ ପ୍ରକୃତ ପ୍ରଦାନକର୍ତ୍ତା ତାହାଙ୍କର ସୌନ୍ଦର୍ଯ୍ୟ ଉପରେ ଦୃଷ୍ଟିପାତ କରିପାରିବେ, ତାହାଙ୍କୁ ଦର୍ଶନ କରିପାରିବେ ତାହା ସେମାନଙ୍କୁ ପ୍ରାପ୍ତ ହୁଅନ୍ତି ନାହିଁ। ଅତଃ ସେମାନଙ୍କର ଅପୂର୍ଣ୍ଣ ପରିଚୟମୂଳକ ସାଧନକୁ ଭଲ ପାଇବା ଏବଂ ସାଧନ ଉପରେ ଭରସା କରିବାର ମଳୀନତା ଦ୍ୱାରା ମିଶ୍ରିତ ହୋଇଥାଏ । ଅଲ୍ଲାଃତାଲାଙ୍କ ସଂକ୍ରାନ୍ତରେ ସେମାନଙ୍କୁ ଯାହାକିଛି ଜ୍ଞାତ ଅଛି ସେହି ଜ୍ଞାନ ଯୋଗୁଁ ସେମାନେ କେତେବେଳେ ନମାଜ ପାଠ କରିନେଲେ ତ' ଆଉ କେତେବେଳେ ସେମାନେ ପାଠ କଲେ ନାହିଁ । ସେମାନେ କେତେବେଳେ ଏହାର ଅଧିକାର ସମ୍ପାଦନ କଲେ ତ' ଆଉ କେତେବେଳେ ଅଧିକାର ସମ୍ପାଦନ କଲେ ନାହିଁ । ଅତଏବ୍ ତହିଁରେ ସାଂସାରିକ ମଳୀନତା ମିଶ୍ରିତ ହୋଇଥାଏ । ସାଂସାରିକ ବସ୍ତୁ, ସାଂସାରିକ କାରକଗୁଡ଼ିକ, ସାଂସାରିକ ଇଚ୍ଛା ଅଭିଳାଷା ଆଦି ସଂପୃକ୍ତ ହୋଇଯାଇଥାଆନ୍ତି। ତେଣୁ ଉପରୋକ୍ତ କାରଣଗୁଡ଼ିକ ସେମାନଙ୍କୁ ଅଲ୍ଲାଃତାଲାଙ୍କର ମୁଖକୁ ସଠିକ୍ ଭାବରେ ଦର୍ଶନ କରାଇପାରି ନଥାଏ । ଏତଦ୍ଭିନ୍ନ ସେମାନେ ପ୍ରଭୁଙ୍କର ଉପକାରକୁ ଭଲ ଭାବରେ ଅବଲୋକନ କରି ପାରନ୍ତି ନାହିଁ । ଯେଉଁ ଉପକାରଗୁଡ଼ିକ ଅବଲୋକନ ସମୟରେ ଦର୍ଶନ କରିବାକୁ ପଡ଼ିଥାଏ ସେଥିପ୍ରତି ସଂପୂର୍ଣ୍ଣ ଧାନ ଦିଅନ୍ତି ନାହିଁ । ଯାଦ୍ୱାରା ଉପକାରୀର ମୁଖମଣ୍ଡଳ କେବଳ ଦୃଷ୍ଟି ସମ୍ମୁଖକୁ ଚାଲି ଆସିଥାଏ, ସେମାନଙ୍କର ପରିଚୟ ଝାପ୍ସା ପରି ହୋଇଥାଏ । ତାହା ନୁହେଁ ବରଂ ସଂପୂର୍ଣ୍ଣ ରୂପେ କୁହୁଡ଼ି ପରି ଆଚ୍ଛନ୍ନ ହୋଇଥାଏ । ସେମାନଙ୍କୁ ଅଲ୍ଲାଃତାଲାଙ୍କର ମୁଖମଣ୍ଡଳ ସଠିକ୍ ରୂପେ ଦୃଶ୍ୟମାନ ହୋଇ ନଥାଏ । ତାହାର କାରଣ ଏହିକି ଯେ, ସେମାନେ କିଛିଟା ନିଜର ପରିଶ୍ରମ ଓ ନିଜର ସାଧନ ଉପରେ ବିଶ୍ୱାସ ରଖନ୍ତି ଓ ଆଉ କେତେକ ବିଶ୍ୱାସ ଆଡ଼ମ୍ବର ସ୍ୱରୂପ ମଧ ରଖନ୍ତି । ଅର୍ଥାତ୍ ଅଲ୍ଲାଃତାଲାଙ୍କର ବିଶ୍ୱ ସ୍ରଷ୍ଟାର ଅଧିକାର ଏବଂ ଜୀବିକା ପ୍ରଦାନକାରୀ ହେବା ଆମମାନଙ୍କ ପକ୍ଷେ ଶିରୋଧାର୍ଯ୍ୟ ଅଟେ । ସେମାନଙ୍କୁ ତତ୍ସଂପର୍କରେ ସ୍ୱଷ୍ଟ ରୂପେ ଜ୍ଞାତ ହିଁ ନାହିଁ। ସେମାନଙ୍କର ଯାହା କିଛି ଆସ୍ଥା ବା ଭରସା ହୋଇଥାଏ ତାହା ଏହିକି ଯେ, ହଁ ଆମେମାନେ ଏହି କାର୍ଯ୍ୟ ସମ୍ପାଦିତ କଲୁ । ଆମମାନଙ୍କର ଏହି ଧାରଣା ଥିଲା ସେହି କାରଣରୁ ଆମର ଉକ୍ତ କାର୍ଯ୍ୟଟି ସମ୍ପାଦିତ ହୋଇଗଲା । ତତ୍ସହିତ ସେମାନଙ୍କର ଏହି ବିଶ୍ୱାସ ମଧ ଥାଏ ଯେ, ଧାର୍ମିକ ପରିବେଶରେ ରହିବା ହେତୁ କିଛି ନା କିଛ ଧର୍ମର ପ୍ରଭାବ ଅବଶ୍ୟ ପଡ଼ିବ । ତେବେ ଅଲ୍ଲାଃତାଲାଙ୍କର ଯେଉଁ ସ୍ରଷ୍ଟା ହେବାର ଅଧିକାର ରହିଛି ଅର୍ଥାତ୍ ଅଲ୍ଲାଃତାଲା ଆମମାନଙ୍କୁ ସୃଷ୍ଟି କଲେ, ଅଲ୍ଲାଃତାଲା ଆମମାନଙ୍କୁ ବୃତ୍ତି ପ୍ରଦାନ କଲେ, ଆମମାନଙ୍କର ଲାଳନ ପାଳନର ସାଧନ ମଧ ସୃଷ୍ଟି କଲେ । ଏହି ପ୍ରସଙ୍ଗ ମଧ ସେମାନଙ୍କ ମନ ମସ୍ତିଷ୍କରେ ହୋଇଥାଏ । ଅତଏବ୍ ମିଳିତ ଅବସ୍ଥା ହୋଇଥାଏ । ଏହି ଅବସ୍ଥାରେ ସେମାନେ ଈଶ୍ୱରଙ୍କ ମୁଖ ଦର୍ଶନ କରିପାରିବେ ନାହିଁ । କାରଣ ଅଲ୍ଲାଃତାଲା ମନୁଷ୍ୟକୁ ତା'ର ବୌଦ୍ଧିକ ସାମର୍ଥ୍ୟତା ଠାରୁ ଅଧିକ କଷ୍ଟ ଦିଅନ୍ତି ନାହିଁ । ତେଣୁ ଯେପର୍ଯ୍ୟନ୍ତ

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ପ୍ରିୟ ଧନକୁ ବ୍ୟୟ କରିବା ମଧ ମନୁଷ୍ୟର ସୌଭାଗ୍ୟ, ଧର୍ମପରାୟଣତା ସ୍ତରର କଷଟି ପଥର ଅଟେ ।"

(ମଲଫୁଜାତ୍, ଖଣ୍ଡ-2, ପୃ-96, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Abdul Malik, S/o- Late Abdur Rahman, Jamat Ahmadiya Karadapalli (Odisha)

ସେମାନେ ଏହି ଅବସ୍ଥାରେ ଅଛନ୍ତି ସେପର୍ଯ୍ୟନ୍ତ ଅଲ୍ଲାଃତାଲା ସେମାନଙ୍କ ଠାରୁ ଏହା ହିଁ ଆଶା କରିଥାଆନ୍ତି ଯେ, ସେମାନେ ତାହାଙ୍କର ଅଧିକାରର କୃତଜ୍ଞତା ଜ୍ଞାପନ କରନ୍ତୁ ଓ ଆୟତ୍ اِنَّ اللّٰهَ يَاۡمُرُ بِالۡعَدۡلِରେ ମଧ୍ୟ ନ୍ୟାୟ ବିଚାରରୁ ଯଥାର୍ଥ ଏହି ଆଜ୍ଞାବହତାର ପ୍ରଯତ୍ନ ସହିତ ନ୍ୟାୟ ଅଟେ ।

ପୁନଶ୍ଚ ଏଠାରେ ଅଲ୍ଲାଃତାଲାଙ୍କର ଅଶେଷ ଦୟାବାନ ହେବା କାମ ଦେଇଥାଏ। ଯେଉଁମାନେ ଏପରି ବ୍ୟକ୍ତି ଅଟନ୍ତି ଯେ, ସେମାନେ ଅଲ୍ଲାଃତାଲାଙ୍କ ସଂପୂର୍ଣ୍ଣ ମୁଖମଣ୍ଡଳକୁ ଦର୍ଶନ କରିପାରିବେ ନାହିଁ ଅଲ୍ଲାଃତାଲା ସେମାନଙ୍କ ପ୍ରତି ମଧ୍ୟ ଦୟା ଆଚରଣ ପ୍ରଦର୍ଶନ କରିଥାଆନ୍ତି ଏବଂ ସେମାନଙ୍କର ଏତାଦୃଶ ଅବସ୍ଥା ମଧ୍ୟ ସ୍ୱୀକାର କରିନେଇ ଥାଆନ୍ତି । ହୁଜୁର ଅ.ସ କୁହନ୍ତି: "କିନ୍ତୁ ମନୁଷ୍ୟର ଏହାଠୁ ବି ବଡ଼ ମର୍ଯ୍ୟାଦା ରହିଛି । ତାହା ଏହିକିଯେ, ଯେପରିକି ମୁଁ ଉପରୋକ୍ତରେ ବର୍ଣ୍ଣନା କରି ଆସିଛି ଯେ, ମନୁଷ୍ୟର ଦୃଷ୍ଟି ସାଧନୀୟ ପଦାର୍ଥ ବା ବସ୍ତୁକୁ ଦେଖିବାରୁ ସଂପୂର୍ଣ୍ଣ ରୂପେ ପବିତ୍ର ଓ ପୁନୀତ ହୋଇ ଅଲ୍ଲାଃତାଲାଙ୍କ କୃପା ଏବଂ ତାହାଙ୍କ କୃପାର ହସ୍ତକୁ ଅବଲୋକନ କରି ନେଇଥାଏ । କେବଳ ସେହି ସାଂସାରିକ ସାଧନ ଉପରେ ବିଶ୍ୱାସ ନଥାଏ ବରଂ ଅଲ୍ଲାଃତାଲାଙ୍କର ଉପକାରକୁ ଚକ୍ଷୁ ଦେଖି ନେଇଥାଏ । ଯେଉଁ ବ୍ୟକ୍ତି ପରବର୍ତ୍ତୀ ପଦକ୍ଷେପ ନିଏ ସେ ସଂପୂର୍ଣ୍ଣ ରୂପେ ଅଲ୍ଲାଃତାଲାଙ୍କ ଉପରେ ନିର୍ଭର ତଥା ଭରସା କରିଥାଏ, ତାହାଙ୍କର ବ୍ରହ୍ମଜ୍ଞାନ ଉକ୍ତ ବ୍ୟକ୍ତିକୁ ପ୍ରାପ୍ତ ହୋଇଥାଏ। ଏହି ସ୍ତରରେ ମନୁଷ୍ୟ ସାଧନର ପରଦାରୁ ସଂପୂର୍ଣ୍ଣ ରୂପେ ବାହାରକୁ ବାହାରି ଆସିଥାଏ । ସାଂସାରିକ ବସ୍ତୁ ଉପରେ ବିଶ୍ୱାସ ନଥାଏ ବରଂ ବ୍ୟକ୍ତି ସଂପୂର୍ଣ୍ଣ ରୂପେ ପ୍ରଭୁଙ୍କ ଉପରେ ଭରସା ବା ବିଶ୍ୱାସ କରିଥାଏ। ଏହି ଲୋକୋକ୍ତି ଯେ, ମୋର ନିଜସ୍ୱ ଜଳସେଚନ ଯୋଗୁଁ ମୋ କ୍ଷେତରେ ଚାଷ ହୋଇଛି କିମ୍ବା ମୋ ନିଜର ବାହୁ ଦ୍ୱାରା ହିଁ ଏହି ସଫଳତା ମୋତେ ପ୍ରାପ୍ତ ହୋଇଛି। କିମ୍ବା ଜୈଦ୍‌ର କୃପା ଯୋଗୁଁ ଅମକ ଉଦ୍ଦେଶ୍ୟ ସାଧିତ ହେଲା ଓ ଅବୁ ବକର ର.ଅଙ୍କ ଯତ୍ନ ନେବା ହେତୁ ମୁଁ ବିପତ୍ତିରୁ ବର୍ତ୍ତିଗଲି (ରକ୍ଷା ପାଇଲି) । ଏହି ସମସ୍ତ କଥାଗୁଡ଼ିକ ନିରର୍ଥକ ଓ ତୁଚ୍ଛ ବୋଲି ମନେହୋଇଥାଏ । ନା ନିଜର କୌଣସି ବିଶେଷତା ତଥା ଉଦ୍ୟମ ଉପରେ ନିର୍ଭରଶୀଳ ହୋଇଥାଏ ଓ ନା ହିଁ ଅନ୍ୟ କୌଣସି ବ୍ୟକ୍ତିର ସାହାଯ୍ୟ ଏବଂ ତା'ର ବିଶିଷ୍ଟ ଗୁଣାବଳୀ ଉପରେ ନିର୍ଭର କରିଥାଏ, ସମସ୍ତ ବସ୍ତୁ ସାଧାରଣ ହୋଇଯାଇଥାଏ । ଲୋକମାନଙ୍କୁ ଏକ ଅସ୍ତିତ୍ୱ, ଏକ ଲୀଳାମୟ ପ୍ରଭୁ, ଏକ ଉପକାରକାରୀ ଓ ଏକ ହସ୍ତ ଦୃଶ୍ୟମାନ ହୋଇଥାଏ। ସେତେବେଳେ ମନୁଷ୍ୟ ଏକ ସ୍ୱଷ୍ଟ ଚକ୍ଷୁରେ ଯେଉଁ ସ୍ୱଷ୍ଟ ଚକ୍ଷୁ ସହିତ ତିଳେମାତ୍ର ସାଧାନକୁ ପ୍ରଭୁଙ୍କ ସହିତ ସମକକ୍ଷ କରିବାର ଧୂଳି ନଥାଏ ସେ ପ୍ରଭୁଙ୍କ ଉପକାରକୁ ଅବଲୋକନ କରିଥାଏ। ଯେତବେଳେ ଅଲ୍ଲାଃତାଲା ଏହିପରି ଦଶ୍ୟମାନ ହୁଅନ୍ତି ସେପରିପ୍ରେକ୍ଷୀରେ ଅଲ୍ଲାଃତାଲାଙ୍କର ଉପକାରକୁ ମନୁଷ୍ୟ ଅବଲୋକନ କରିନେଇଥାଏ । ଏହି ଦର୍ଶନ ଏଭଳି ସ୍ୱଷ୍ଟ ଏବଂ ବିଶ୍ୱାସିକ ତଥା ନିଃସନ୍ଦେହାତ୍ମକ ହୋଇଥାଏ ଯେ, ବ୍ୟକ୍ତି ଏପରି ଉପକାରକାରୀର ଉପାସନା କରିବା ସମୟରେ ତାହାକୁ ଅଦୃଶ୍ୟ ବୋଲି ମନେକରି ନଥାଏ । ବରଂ ନିଃସନ୍ଦେହ ରୂପେ ବ୍ୟକ୍ତି ତାହାଙ୍କୁ ବିଦ୍ୟମାନ ବୋଲି ବିଚାର କରି ତାହାଙ୍କର ଉପାସନା କରିଥାଏ । ପୁନଶ୍ଚ ବ୍ୟକ୍ତି ଉପାସନା କରୁଥାଉ ପଛେ, ମନୁଷ୍ୟ ନମାଜ ପାଠ କରୁଥାଉ ପଛେ ସେ ଅଲ୍ଲାଃତାଲାଙ୍କୁ ନିଜ ସମ୍ମୁଖରେ ବିଦ୍ୟମାନ ବୋଲି ମନେକରିଥାଏ । ସୁତରାଂ ଏହିପରି ଉପାସନାର ଅନ୍ୟ ନାମ ପବିତ୍ର କୁରଆନ୍ କରୀମ୍‌ରେ **ଇହ୍‌ସାନ୍** (ଉପକାର ବା ପରୋପକାର) ଅଟେ । ସାଷ୍ଟାଙ୍ଗ ପ୍ରଣିପାତ ହେବା ଅଲ୍ଲାଃତାଲାଙ୍କ ସମ୍ମୁଖରେ ଏପରି ପ୍ରତିତ ହୁଏ ଯେପରିକି ପ୍ରଭୁ ସାକ୍ଷାତ୍ ସମ୍ମୁଖରେ ବିଦ୍ୟମାନ ଅଛନ୍ତି । ଉକ୍ତ ପ୍ରସଙ୍ଗକୁ ପବିତ୍ର କୁରଆନ୍ କରୀମ୍ ଅଲ୍ଲାଃତାଲାଙ୍କ ସଂକ୍ରାନ୍ତରେ **ଇହ୍‌ସାନ୍** (ପରୋପକାର) ବୋଲି କହିଥାଏ । ସହି ବୁଖାରୀ ସହି ମୁସଲିମ୍‌ରେ ସ୍ୱୟଂ ଆଁହଜରତ ସ.ଅ ଇହ୍‌ସାନର ଏହି ଅର୍ଥ ବର୍ଣ୍ଣନା କରିଛନ୍ତି ।"

ପୁନଶ୍ଚ କେବଳି ଏହିଠାରେ କଥା ସମାପ୍ତ ହୋଇଯାଇ ନାହିଁ । ବରଂ ଆଗକୁ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଏହି ସ୍ତର ପରେ ଆଉ ଏକ ସ୍ତର ମଧ୍ୟ ରହିଛି ଯାହାର ନାମ اِيۡتَآءِ ذِى الۡقُرۡبٰى ଅଟେ । ଏହାର ବ୍ୟଖ୍ୟା ଏହିପରି ଯେ, ମନୁଷ୍ୟ ଯେତେବେଳେ ଏକ ଦୀର୍ଘ କାଳ ପର୍ଯ୍ୟନ୍ତ ଈଶ୍ୱରଙ୍କ ଉପକାରକୁ ଅସମକକ୍ଷ ସାଧନ ଦୃଷ୍ଟିରେ ଦେଖିଥାଏ । ଅର୍ଥାତ୍ ପ୍ରଭୁଙ୍କର ଉପକାରକୁ ବିନା କୌଣସି ସାଂସାରିକ ସାଧନ ଦୃଷ୍ଟିରେ ଦେଖୁଥାଏ, ବିନା ସମକକ୍ଷରେ ଦେଖିଥାଏ, କେବଳ ଓ କେବଳ ଅଲ୍ଲାଃତାଲାଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ କରେ । ଅଲ୍ଲାଃତାଲାଙ୍କୁ ଉପସ୍ଥିତ, ବିଦ୍ୟମାନ, ସିଧା ସଳଖ ଉପକାରକାରୀ ବୋଲି ମନେକରି ତାହାଙ୍କର ଉପାସନା କରିଥାଏ। ତେବେ ସେହି କଳ୍ପନା ଏବଂ ଭାବନାର ଶେଷ ପରିଣତି ଏହା ହେବ ଯେ, ଈଶ୍ୱରଙ୍କ ସଂକ୍ରାନ୍ତରେ ତା' ମନରେ ଏକ ବ୍ୟକ୍ତିଗତ ପ୍ରେମ ସୃଷ୍ଟି ହେବ । ପୁନଶ୍ଚ ଅଲ୍ଲାଃତାଲାଙ୍କ ସହିତ ତା'ର ବ୍ୟକ୍ତିଗତ ପ୍ରେମ ସଂପର୍କ ସୃଷ୍ଟି ହୋଇଯିବ । ଅନ୍ୟ କୌଣସି ଅଭିପ୍ରାୟ ନଥିବ । କୌଣସି ବସ୍ତୁ ସକାଶେ ମାଗିବା ଏଇଥିପାଇଁ ହେବ ନାହିଁ ଯେ, ମୋତେ ଆବଶ୍ୟକତା ରହିଛି । ବରଂ ଏକ ବ୍ୟକ୍ତିଗତ ସଂପର୍କ ସୃଷ୍ଟି ହୋଇଯିବ । କାରଣ ଅହରହ ଉପକାରର ସାର୍ବକାଳୀନ ଦର୍ଶନ ନିଶ୍ଚିତ ରୂପେ କୃତଜ୍ଞ ବ୍ୟକ୍ତି ହୃଦୟରେ ଏହି ପ୍ରଭାବ ସୃଷ୍ଟି କରିଥାଏ ଯେ, ସେ ଧୀରେ ଧୀରେ ଉକ୍ତ ବ୍ୟକ୍ତିର ବ୍ୟକ୍ତିଗତ ପ୍ରେମ ଦ୍ୱାରା ପରିପୂର୍ଣ୍ଣ ହୋଇଯାଇଥାଏ । ଯେଉଁ ବ୍ୟକ୍ତି ଅନ୍ୟ ବ୍ୟକ୍ତି ଉପରେ ଉପକାର କରିଥାଏ । ତେବେ ନିରନ୍ତର ଉପକାର, ତା'ର ଅନୁଭବ, ତା'କୁ ଦେଖୁଥିବ ଯେ, ଅଲ୍ଲାଃତାଲା କିପରି ଉପକାର କରୁଛନ୍ତି, ତାହାଙ୍କ ଅନୁଭବ ଓ ତାହାଙ୍କର ବ୍ରହ୍ମଜ୍ଞାନ ପ୍ରାପ୍ତ ହୋଇଯିବା । ଏହା ଦ୍ୱାରା ଅଲ୍ଲାଃତାଲାଙ୍କର ବ୍ୟକ୍ତିଗତ ପ୍ରେମ ସଂପର୍କ ସୃଷ୍ଟି ହୋଇଥାଏ । କାରଣ ଏହି ନିୟମ ରହିଛି ଯେ, ଯଦି ଏହିପରି ସଂପର୍କ ଥିବ ତାହାହେଲେ ଏକ ବ୍ୟକ୍ତିଗତ ସଂପର୍କ ଦ୍ୱାରା ହୃଦୟ ପରିପୂର୍ଣ୍ଣ ହୋଇଯାଇଥାଏ । ଯାହାଙ୍କର ଅସୀମିତ ଉପକାର ଉକ୍ତ ବ୍ୟକ୍ତି ଉପରେ ବ୍ୟାପୃତ ହୋଇଯାଇଥାଏ । ସୁତରାଂ ସେହି ପରିସ୍ଥିତିରେ ସେହି ବ୍ୟକ୍ତି କେବଳ ପ୍ରଭୁଙ୍କ ଦ୍ୱାରା କରାଯାଇଥିବା ଉପକାର ସଂକ୍ରାନ୍ତରେ କଳ୍ପନା କରି ପ୍ରଭୁଙ୍କର ଉପାସନା କରି ନଥାଏ ବରଂ ତାହାଙ୍କର ବ୍ୟକ୍ତିଗତ ପ୍ରେମ ତା' ହୃଦୟରେ ଆସନ୍ନିତ ହୋଇଯାଇଥାଏ । ମାଗିବା ନିମନ୍ତେ ଉପାସନା, ପୁନଶ୍ଚ ଅଲ୍ଲାଃତାଲାଙ୍କୁ ସବୁକିଛି ମନେକରି ତାହାଙ୍କର ଉପାସନା ଉପକାର ହୋଇଗଲା ବୋଲି ମନେକରି ନେଲା। ପୁନଶ୍ଚ ଏହାଠୁ ବି ଅଧିକ ଆଗକୁ ଯାଇ ଯେ, ଉପାସନା କିଛି ମାଗିବା ନିମନ୍ତେ ହୋଇ ନଥାଏ ବରଂ ଅଲ୍ଲାଃତାଲାଙ୍କ ସହିତ ବ୍ୟକ୍ତିଗତ ପ୍ରେମ, ଆନ୍ତରୀକତା ଯୋଗୁଁ ବ୍ୟକ୍ତି ଅଲ୍ଲାଃତାଲାଙ୍କୁ ସ୍ମରଣ କରିଥାଏ । ଏହି କାରଣରୁ ବ୍ୟକ୍ତି ଅଲ୍ଲାଃତାଲାଙ୍କର ଉପାସନା କରିଥାଏ । ଯେପରିକି ସନ୍ତାନକୁ ନିଜ ମାତା ସହିତ ଏକ ବ୍ୟକ୍ତିଗତ ପ୍ରେମ ହୋଇଥାଏ । ସୁତରାଂ ସେହି ସ୍ତରରେ ଭକ୍ତ ତଥା ବ୍ୟକ୍ତି କେବଳ ପ୍ରଭୁଙ୍କୁ ଦର୍ଶନ କରି ନଥାଏ ବରଂ ପ୍ରଭୁଙ୍କ ଦର୍ଶନ କରି ଜଣେ ସଚ୍ଚୋଟ ପ୍ରେମୀ ପରି ଆନନ୍ଦିତ ଓ ତୃପ୍ତ ମଧ୍ୟ ହୋଇଥାଏ । ସମସ୍ତ ଆତ୍ମିକ ସ୍ୱାର୍ଥ ସମାପ୍ତ ହୋଇ ବ୍ୟକ୍ତିଗତ ପ୍ରେମ ତା' (ବ୍ୟକ୍ତି) ମଧ୍ୟରେ ସୃଷ୍ଟି ହୋଇଯାଇଥାଏ । ଏହା ହେଉଛି ସେହି ସ୍ତର ଯାହାକୁ ଅଲ୍ଲାଃତାଲା ଅନ୍ୟ ଅର୍ଥରେ اِيۡتَآءِ ذِى الۡقُرۡبٰى ବୋଲି ନାମିତ କରିଛନ୍ତି । ସେହିପରି ଅଲ୍ଲାଃତାଲା ଉକ୍ତ ଆୟତ୍‌ରେ ଏହା ଇଙ୍ଗିତ ମଧ୍ୟ କରିଛନ୍ତି ଯେ, فَاذۡكُرُوا اللّٰهَ كَذِكۡرِكُمۡ اٰبَآءَكُمۡ اَوۡ اَشَدَّ ذِكۡرًا **(ଅଲ୍ ବକରାହ୍: 101)** ଅର୍ଥାତ୍ ତୁମେମାନେ ଅତୀତରରେ ଯେପରି ନିଜର ପିତୃ ପିତାମହଙ୍କୁ ସ୍ମରଣ କରୁଥିଲ ସେହିପରି ଅଲ୍ଲାଃତାଲାଙ୍କୁ ମଧ୍ୟ ତା' ଅପେକ୍ଷା ଅଧିକ ସ୍ମରଣ କର। ସୁତରାଂ ଏହି ହେଉଛି ସେହି ମର୍ଯ୍ୟାଦା ଯାହାକି ଅଲ୍ଲାଃତାଲାଙ୍କ ସହିତ ନିଷ୍ଠାପୂର୍ଣ୍ଣ ପ୍ରେମ କରିବାର ମର୍ଯ୍ୟାଦା ଅଟେ ।"

ଆପଣ ଅ.ସ ପୁନଶ୍ଚ କୁହନ୍ତି : "ଅତଏବ ସୁରତୁନ୍ ନହଲ୍‌ର ଆୟତ୍ اِنَّ اللّٰهَ يَاۡمُرُ بِالۡعَدۡلِ وَالۡاِحۡسَانِ وَاِيۡتَآءِ ذِى الۡقُرۡبٰى **(ଅନ୍ ନହଲ୍: 91)** ଅର୍ଥାତ୍ ବାସ୍ତବରେ ଅଲ୍ଲାଃତାଲା ନ୍ୟାୟ ବିଚାର କରିବାକୁ ତଥା ଅନ୍ୟର ହିତ ସାଧନ କରିବାକୁ ଏବଂ ଆତ୍ମୀୟ ସ୍ୱଜନମାନଙ୍କ ସଦୃଶ ଅନ୍ୟମାନଙ୍କୁ ସାହାଯ୍ୟ କରିବାକୁ ଆଦେଶ ଦେଉଛନ୍ତି। ଉକ୍ତ ଆୟତ୍‌ର ଏହିପରି ବ୍ୟାଖ୍ୟା ରହିଛି ଯେ, ଉକ୍ତ ଆୟତ୍‌ରେ ଅଲ୍ଲାଃତାଲା ମନୁଷ୍ୟ ନିମନ୍ତେ ବ୍ରହ୍ମଜ୍ଞାନର ତିନୋଟି ସ୍ତର ସଂକ୍ରାନ୍ତରେ ବର୍ଣ୍ଣନା କରି ଦେଇଛନ୍ତି । ତନ୍ମଧ୍ୟରୁ **ତୃତୀୟ** ସ୍ତରକୁ ବ୍ୟକ୍ତିଗତ ପ୍ରେମ ବୋଲି ବିବେଚିତ କରିଛନ୍ତି । ଏହା ହେଉଛି ସେହି ସ୍ତର ଯହିଁରେ ସମସ୍ତ ଆତ୍ମିକ ସ୍ୱାର୍ଥ ଭସ୍ମୀଭୂତ ହୋଇଯାଇଥାଏ ଏବଂ ହୃଦୟ ପ୍ରେମ ଦ୍ୱାରା ଏପରି ପରିପୂର୍ଣ୍ଣ ହୋଇଯାଇଥାଏ ଯେପରିକି ଏକ କାଚ ବୋତଲରେ ଅତର ପୂର୍ଣ୍ଣ ହୋଇଥାଏ । ଏହି ସ୍ତର ଆଡ଼କୁ ଉକ୍ତ ଆୟତ୍‌ରେ ଇଙ୍ଗିତ କରାଯାଇଛି ଯେ, وَمِنَ النَّاسِ مَنۡ يَّشۡرِىۡ نَفۡسَهُ ابۡتِغَآءَ مَرۡضَاتِ اللّٰهِ‌ؕ وَاللّٰهُ رَءُوۡفٌ ۢ بِالۡعِبَادِ **(ଅଲ୍ ବକରାହ୍: 208)** (ଅର୍ଥାତ୍) ଏବଂ ଏପରି କେତେକ ଲୋକ

---

**ହଦିସେ ନବୱୀ ସ.ଅ.ସ :-**

**"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।**

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

---

**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

"ଆମ ଇବାଦାତ୍ ଅର୍ଥାତ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବିଶ୍ୟକତା ରହିଛି" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Hawa Bibi & Family,Jamat Ahmadiya
Kerang, Darul Fazal (Odisha)

ଅଛନ୍ତି ଯେଉଁମାନେ ଅଲ୍ଲାଃତାଲାଙ୍କ ପ୍ରୀତିଭାଜନ ହେବା ସକାଶେ ନିଜ ଜୀବନକୁ ମଧ୍ୟ ବିକ୍ରୟ କରି ଦିଅନ୍ତି ଏବଂ ଅଲ୍ଲାଃତାଲା ନିଜର ଏପରି ନିଷ୍ଠାପର ଭକ୍ତମାନଙ୍କ ପ୍ରତି ଅତ୍ୟନ୍ତ ଦୟାଶୀଳ । ଅଲ୍ଲାଃତାଲା ପୁନଶ୍ଚ କୁହନ୍ତି بَلٰی مَنۡ اَسۡلَمَ وَجۡهَهٗ لِلّٰهِ وَهُوَ مُحۡسِنٌ فَلَهٗۤ اَجۡرُهٗ عِنۡدَ رَبِّهٖ وَلَا خَوۡفٌ عَلَيۡهِمۡ وَلَا هُمۡ يَحۡزَنُوۡنَ **(ଅଲ୍ ବକରାହ୍: 113)** ଅର୍ଥାତ୍ କୁହ ତ' ଭଲା ଅନ୍ୟ ଲୋକମାନେ ବୈକୁଣ୍ଠରେ ପ୍ରବେଶ କରିବେ ନାହିଁ କାହିଁକି ? ଯେକେହି ନିଜ କର୍ମକୁ ସଂପୂର୍ଣ୍ଣ ରୂପେ ଅଲ୍ଲାଃତାଲାଙ୍କ ନିକଟରେ ସମର୍ପଣ କରେ ଓ ସତ୍‌କର୍ମ କରେ ତେବେ ତାହା ଲାଗି ନିଜ ପାଳନକର୍ତ୍ତାଙ୍କ ନିକଟରେ ପୁରସ୍କାର ନିୟତ ଅଛି ଏବଂ ସେମାନଙ୍କର ଭବିଷ୍ୟତ ପାଇଁ କୌଣସି ପ୍ରକାରର ଭୟ ରହିବ ନାହିଁ କି ସେମାନେ ଅତୀତର ତ୍ରୁଟି ପାଇଁ ଦୁଃଖିତ ହେବେ ନାହିଁ । ଅର୍ଥାତ୍ ସେମାନଙ୍କର ଅଭିପ୍ରାୟ ପ୍ରଭୁ ଓ ପ୍ରଭୁଙ୍କର ପ୍ରତୀଭାଜନ ହିଁ ହୋଇଥାଏ ଏବଂ ପ୍ରଭୁଙ୍କ ନିକଟରେ ସେମାନଙ୍କ ନିମନ୍ତେ ପୁରସ୍କାର ନିୟତ ରହିଛି । ପ୍ରଭୁଙ୍କ ପୁରସ୍କାର ତଥା ଅବଦାନ ସେମାନଙ୍କର ପୁରସ୍କାର ଏବଂ ପ୍ରାପ୍ୟ ହୋଇଥାଏ । ପୁନଶ୍ଚ ଏକ ସ୍ଥଳେ ଅଲ୍ଲାଃତାଲା କୁହନ୍ତି: وَيُطۡعِمُوۡنَ الطَّعَامَ عَلٰى حُبِّهٖ مِسۡكِيۡنًا وَّيَتِيۡمًا وَّاَسِيۡرًا ۔ اِنَّمَا نُطۡعِمُكُمۡ لِوَجۡهِ اللّٰهِ لَا نُرِيۡدُ مِنۡكُمۡ جَزَآءً وَّلَا شُكُوۡرًا **(ଅଦ୍ ଦହର୍; 9-10)** (ଅର୍ଥାତ୍) ତାହାଙ୍କ ଅର୍ଥାତ୍ ଅଲ୍ଲାଃତାଲାଙ୍କ ପ୍ରତି ପ୍ରେମ ହେତୁ ସେମାନେ ଦରିଦ୍ର, ଅନାଥ ଓ ବନ୍ଦୀମାନଙ୍କୁ ଖାଦ୍ୟ ଖୁଆନ୍ତି ଏବଂ କୁହନ୍ତି, ହେ ଲୋକମାନେ ! ଆମେମାନେ କେବଳ ଅଲ୍ଲାଃତାଲାଙ୍କ ପ୍ରସନ୍ନତା, ତାହାଙ୍କ ଅନୁଗ୍ରହ ତଥା ତାହାଙ୍କ ସନ୍ତୋଷ ବିଧାନ ନିମନ୍ତେ ତୁମମାନଙ୍କୁ ଖାଦ୍ୟ ଖୁଆଉଛୁ। ଆମେମାନେ ତୁମମାନଙ୍କୁ ଠାରୁ ଏଥିପାଇଁ କୌଣସି ପୁରସ୍କାର ମାଗୁ ନାହୁଁ କି କୃତଜ୍ଞତା ଲୋଡ଼ୁ ନାହୁଁ । ଉପରୋକ୍ତ ସମସ୍ତ ସେବାର ଅର୍ଥ କେବଳ ଏତିକି ହେବ ଯେ, ଅଲ୍ଲାଃତାଲା ଆମ ଠାରୁ ପ୍ରସନ୍ନ ହୋଇ ଯାଆନ୍ତୁ ଏବଂ ଆମକୁ ଅତିରିକ୍ତ ଦର୍ଶନ ଦିଅନ୍ତୁ ।"

ବର୍ତ୍ତମାନ ଭାବିବା ଉଚିତ୍ ଯେ, ପୂର୍ବ ଆୟତ୍‌ମାନଙ୍କରୁ କିପରି ଏହା ସ୍ପଷ୍ଟ ରୂପେ ପ୍ରତିଭାତ ହେଉଅଛି ଯେ, ପବିତ୍ର କୁରଆନ୍ କରୀମ୍ ସର୍ବୋଚ୍ଚ ସ୍ତରର ଐଶୀ ଉପାସନା ଓ ସତ୍‌କର୍ମ ସମ୍ପାଦନ ଉପରେ ଗୁରୁତ୍ୱାରୋପ କରିଛି । ଅର୍ଥାତ୍ ପ୍ରଭୁଙ୍କ ପ୍ରେମ ଏବଂ ପ୍ରଭୁଙ୍କ ପ୍ରସନ୍ନତାର ଅର୍ଥ ପ୍ରକୃତ ରୂପେ ହୃଦୟରେ ଉଦ୍‌ଘାଟିତ ହେଉ।

**(ନୁରୁଲ୍ ଫୁର୍କାନ୍, ସଂଖ୍ୟା-2, ରୁହାନୀ ଖଜାଏନ୍, ଭାଗ-9, ପୃ-437-441)**

ଯେପରିକି ପୂର୍ବ ଆୟତ୍‌ମାନଙ୍କରେ ଅଲ୍ଲାଃତାଲାଙ୍କର ପ୍ରକୃତ ପ୍ରେମ ଏବଂ ପ୍ରସନ୍ନତା ପ୍ରାପ୍ତି ନିମନ୍ତେ ଯେଉଁ ଚର୍ଚ୍ଚାର ଉଲ୍ଲେଖ ରହିଛି ତାହାଙ୍କ ପ୍ରଣୀମାନଙ୍କ ପ୍ରତି ମଧ୍ୟ ବ୍ୟକ୍ତିଗତ ପ୍ରେମ ଓ ସଂପର୍କ ସ୍ଥାପନ କରିବା ଉଚିତ୍ । ସେହି ପ୍ରାଣୀମାନଙ୍କର ଅଧିକାରକୁ ଜଣେ ପ୍ରକୃତ ବିଶ୍ୱାସକାରୀ ଭକ୍ତ, ଅଲ୍ଲାଃତାଲାଙ୍କୁ ପ୍ରେମ କରୁଥିବା ଭକ୍ତ ହିଁ ସଠିକ୍ ରୂପେ ସମ୍ପାଦିତ କରିପାରିବ ଏବଂ କରିଥାଏ ମଧ୍ୟ । ଆପଣ ଅ.ସ ପୁନଶ୍ଚ କୁହନ୍ତି: "ପ୍ରଭୁ ତୁମମାନଙ୍କ ଠାରୁ କ'ଣ ଆଶା କରନ୍ତି ?" **'କିଶ୍‌ତି ନୁହରେ'** ଆପଣ ଅ.ସ ଉପଦେଶ ଦେଇ କୁହନ୍ତି: "ତୁମମାନଙ୍କ ପକ୍ଷେ ଏତିକି ହିଁ ଯଥେଷ୍ଟ ଯେ, ତୁମେମାନେ ସମଗ୍ର ମାନବ ଜାତି ପ୍ରତି ନ୍ୟାୟ ବିଚାର ପ୍ରଦର୍ଶନ କର । ପୁନଶ୍ଚ ଏହାଠୁ ବି ଅଧିକ ଏହା ଯେ, ସେମାନଙ୍କ ପ୍ରତି ପୁଣ୍ୟ ବ୍ୟବହାର ପ୍ରଦର୍ଶନ କର ଯେଁଉମାନେ ତୁମ ସହିତ ଏବଂ ତୁମ ପ୍ରତି କୌଣସି ପୁଣ୍ୟାଚରଣ ପ୍ରଦର୍ଶନ କରି ନାହାନ୍ତି । ପୁନଶ୍ଚ ଏହାଠୁ ବି ଅଧିକ ଏହା ଯେ, ତୁମେମାନେ ଈଶ୍ୱରଙ୍କ ଦ୍ୱାରା ସୃଷ୍ଟ ସମସ୍ତ ପ୍ରାଣୀ ଜଗତ ପ୍ରତି ଏଭଳି ସହାନୁଭୂତି ପ୍ରଦର୍ଶନ କର କି ତୁମେ ସେମାନଙ୍କର ପ୍ରକୃତ ଆତ୍ମୀୟ ସ୍ୱଜନ ଅଟ । ଯେପରି ମା ନିଜର ସନ୍ତାନମାନଙ୍କ ସହିତ ଆଚରଣ ପ୍ରଦର୍ଶନ କରିଥାଏ ଠିକ୍ ସେହିପରି ତୁମେମାନେ ମଧ୍ୟ ନିଜର ଆତ୍ମୀୟ ସ୍ୱଜନମନାଙ୍କ ପ୍ରତି ଉତ୍ତମ ଆଚରଣ ପ୍ରଦର୍ଶନ କର । କାରଣ ଉପକାର କରିବାରେ ଆତ୍ମ ପ୍ରଦର୍ଶନର ଏକ ପକ୍ଷ ନିହିତ ଥାଏ ଓ ଉପକାରକାରୀ ବ୍ୟକ୍ତି ଦିନେ ନା ଦିନେ ନିଜ ଉପକାରକୁ ମନେ ମଧ୍ୟ ପକାଇ ଦେଇଥାଏ । କିନ୍ତୁ ସେହି ବ୍ୟକ୍ତି ଯିଏ ମା ପରି ସ୍ୱଭାବଗତ ଉତ୍ସାହ ଦ୍ୱାରା ପୁଣ୍ୟ କର୍ମ ସମ୍ପାଦନ କରିଥାଏ ସେ କେବେ ହେଲେ ଆତ୍ମ ପ୍ରଦର୍ଶନ କରିପାରିବ ନାହିଁ । ସୁତରାଂ ପୁଣ୍ୟର ଶେଷ ସ୍ତର ହେଉଛି ସ୍ୱାଭାବିକ ଉତ୍ସାହ । ଏହା ମା ପରି ହେବା ଉଚିତ୍ । ଉକ୍ତ ଆୟତ୍‌ଟି କେବଳ ପ୍ରାଣୀ ଜଗତ ନିମନ୍ତେ ଉଦ୍ଦିଷ୍ଟ ନୁହେଁ ବରଂ ଅଲ୍ଲାଃତାଲାଙ୍କ ସଂକ୍ରାନ୍ତରେ ମଧ୍ୟ ଉଦ୍ଦିଷ୍ଟ ତଥା ପ୍ରଯୁଜ୍ୟ ଅଟେ । ଅଲ୍ଲାଃତାଲାଙ୍କ ପ୍ରତି ନ୍ୟାୟ ବିଚାର ଏହା ଯେ, ତାହାଙ୍କ ପରୁସ୍କାର ଓ ଅବଦାନକୁ ସ୍ମରଣ କରି ତାହାଙ୍କ ଆଜ୍ଞାବହତା ପ୍ରକାଶ କରିବା । ପ୍ରଭୁଙ୍କ ପ୍ରତି ଉପକାର ଏହିକି ଯେ, ତାହାଙ୍କ ସତ୍ତା ଉପରେ ଏପରି ବିଶ୍ୱାସ କରିନେବା ଯେପରିକି ଭକ୍ତ ତାହାଙ୍କୁ ସକ୍ଷାତ୍ ଦର୍ଶନ କରୁଅଛି । ଅଲ୍ଲାଃତାଲାଙ୍କ ସହିତ اِيۡتَآئِ ذِى الۡقُرۡبٰى ର ଅର୍ଥ ଏହିକି ଯେ, ତାହାଙ୍କର ଉପାସନା ନା ବୈକୁଣ୍ଠର ଲୋଭ ଯୋଗୁଁ ହେବା ଉଚିତ୍ ଓ ନା ହିଁ ନର୍କର ଭୟ ଯୋଗୁଁ କରିବା ଉଚିତ୍ । ବରଂ ଯଦି ଧରିନିଆଯାଉ ଯେ, ନା ବୈକୁଣ୍ଠର କୌଣସି ଅସ୍ତିତ୍ୱ ଅଛି ଓ ନା ହିଁ ନର୍କର କୌଣସି ଅସ୍ତିତ୍ୱ ରହିଛି, ତେବେ ମଧ୍ୟ ପ୍ରେମମୂଳକ ଉତ୍ସାହ ଓ ଆଜ୍ଞାବହତ୍ୱରେ କୌଣସି ତାରତମ୍ୟ ପରିଲକ୍ଷିତ ନେହେଉ ।"

**(କିଶ୍‌ତି ନୁହ୍, ରୁହାନୀ ଖଜାଏନ୍, ଭାଗ-19, ପୃ-30-31)**

ଏହା ହେଉଛି ପ୍ରଭୁଙ୍କ ସହିତ ବ୍ୟକ୍ତିଗତ ପ୍ରେମ । ପୂର୍ବେ ଯେଉଁ ବର୍ଣ୍ଣନା ହୋଇଛି ଏହା ହେଉଛି ତା'ର ସାରାଂଶ ଯାହାକି 'କିଶ୍‌ତି ନୁହ୍'ରେ ଆପଣ ଅ.ସ ଆମମାନଙ୍କ ନିକଟରେ ବର୍ଣ୍ଣନା କରିଛନ୍ତି । ପୁନଶ୍ଚ ଭକ୍ତମାନଙ୍କର ଅଧିକାର ପ୍ରତି ଧ୍ୟାନ ଆକର୍ଷଣ କରି ଆପଣ ଅ.ସ ଅତିରିକ୍ତ ଚର୍ଚ୍ଚା କରି କୁହନ୍ତି ଯେ, "ଅଲ୍ଲାଃତାଲ ତୁମମାନଙ୍କୁ ଆଦେଶ ଦିଅନ୍ତି ଯେ, ତୁମେମାନେ ନ୍ୟାୟ ବିଚାର କର ଓ ନ୍ୟାୟ ବିଚାର ଠାରୁ ଅଧିକ ଏହା ଯେ, ତୁମେ ନ୍ୟାୟ ବିଚାରପୂର୍ବକ ଆଦର ସମ୍ମାନ ପ୍ରଦର୍ଶନ କର ଓ ଉପକାର ଠାରୁ ଅଧିକ ଏହା ଯେ, ତୁମେମାନେ ଏପରି ଭାବରେ ଲୋକମାନଙ୍କ ପ୍ରତି ଉତ୍ତମ ଆଚରଣ ପ୍ରଦର୍ଶନ କର ଯେପରିକି ସେମାନେ ତୁମର ଆତ୍ମୀୟ ସ୍ୱଜନ ଅଟନ୍ତି । ବର୍ତ୍ତମାନ ଚିନ୍ତା କରିବା ଉଚିତ୍ ଯେ, ତିନୋଟି ସ୍ତର ରହିଛି। ଯଥା- **1**- ପ୍ରଥମ ସ୍ତର ଏହିକି ଯେ, ମନୁଷ୍ୟ ନ୍ୟାୟ ବିଚାର ପ୍ରଦର୍ଶନ କରିଥାଏ। ଅର୍ଥାତ୍ ସତ୍ୟ ବିପରୀତ ସତ୍ୟ ନିମନ୍ତେ ନିବେଦନ କରିଥାଏ । **2**-ଦ୍ୱିତୀୟ ସ୍ତର ହେଉଛି ଉପକାର କରିବା । ଅର୍ଥାତ ନ୍ୟାୟ ବିଚାର ଅପେକ୍ଷା ଉତ୍କୃଷ୍ଟ ସ୍ତର ହେଉଛି ଉପକାର ସାଧନ କରିବା । **3**-ତୃତୀୟ ସ୍ତର ହେଉଛି ଲୋକମାନଙ୍କ ପ୍ରତି ଏପରି ପ୍ରେମଭାବ ପ୍ରଦର୍ଶନ କରିବା ଯେପରିକି ବ୍ୟକ୍ତିର ପ୍ରେମରେ ଲୋକମାନଙ୍କ ପ୍ରତି ସହାନୁଭୂତି ପ୍ରଦର୍ଶିତ ହେଉଥିବ । ଯେପରିକି ଜଣେ ମା ନିଜର ସନ୍ତାନକୁ ପ୍ରେମ କରେ ଏବଂ ସନ୍ତାନ ପ୍ରତି ସେ ସହାନୁଭୂତି ପ୍ରଦର୍ଶନ କରିଥାଏ । ଅର୍ଥାତ୍ ଆବେଗିକ ଉତ୍ସାହ ନହୋଇ ଉପକାରର ମନୋଭାବ ରଖି ସନ୍ତାନର ସେବା ଯତ୍ନ କରିଥାଏ।"

**(ଜଙ୍ଗେ ମୁକଦ୍ଦସ୍, ରୁହାନୀ ଖଜାଏନ୍, ଭାଗ-6, ପୃ-6-127)**

ସୁତରାଂ ଏହା ଭକ୍ତମାନଙ୍କର ଅଧିକାରର ସାରମର୍ମ ରୂପେ ବିବେଚିତ ହୋଇଯାଇଛି । ପୁନଶ୍ଚ ଆପଣ ଅ.ସ କେତେକ ସ୍ଥାନରେ ଲୋକମାନଙ୍କୁ, ଅଣ ଧର୍ମାବଲମ୍ବୀମାନଙ୍କୁ କହିଲେ ଯେ, "ତୁମେମାନେ ଈଶ୍ୱରଙ୍କ ଦ୍ୱାରା ସୃଷ୍ଟି ପ୍ରାଣୀମାନଙ୍କ ପ୍ରତି ଏପରି ଆଚରଣ ପ୍ରଦର୍ଶନ କର ଯେପରିକି ସେମାନେ ତୁମର ପ୍ରକୃତ ସଂପର୍କୀୟ ଓ ଆତ୍ମୀୟ ସ୍ୱଜନ ଅଟନ୍ତି । ଉକ୍ତ ସ୍ତରଟି ସର୍ବାପେକ୍ଷା ବଡ଼ ଅଟେ। କାରଣ ଉପକାରରେ ଆତ୍ମ ପ୍ରଦର୍ଶନର କୌଣସି ମନୋଭାବ ଓ ପକ୍ଷ ନିହିତ ନଥାଏ ଓ ଯଦି କୌଣସି ବ୍ୟକ୍ତି କୃତଘ୍ନତା ପ୍ରକାଶ କରେ ତେବେ ଉପକାରକାରୀ ବ୍ୟକ୍ତି ତୁରନ୍ତ କହି ଉଠେ ଯେ, ହେ ବ୍ୟକ୍ତି ! ମୁଁ ତୋ ଉପରେ ଉପକାର କରିଛି । କିନ୍ତୁ ସ୍ୱଭାବଗତ ପ୍ରେମ ଯାହାକି ଜଣେ ମାକୁ ନିଜ ସନ୍ତାନ ସହିତ ହୋଇଥାଏ ତହିଁରେ ଆତ୍ମ ପ୍ରଦର୍ଶନର କୌଣସି ଅଂଶ ନଥାଏ । ବ୍ୟକ୍ତି ଯଦି ଅନ୍ୟ କୌଣସି ବ୍ୟକ୍ତି ଉପରେ ଉପକାରେ କରିଛି ତେବେ ସେ କେବେ ନେ କେବେ ନିଜର ଉପକାରକୁ ସ୍ମରଣ କରାଇ ଦେଇଥାଏ ଯେ, ମୁଁ ତୋ ଉପରେ ଅମକ ଦିନ ଅମକ ଅବସରରେ ଉପକାର କରିଥିଲି ବୋଲି ବ୍ୟକ୍ତି ଆଗରେ ପରିପ୍ରକାଶ କରିଦେଇଥାଏ । କିନ୍ତୁ ମା ନିଜର ଉପକାର କେବେ ବି ସନ୍ତାନ ଆଗରେ ପରିପ୍ରକାଶ କରି ନଥାଏ । ବରଂ ଯଦି ଜଣେ ସମ୍ରାଟ ମାକୁ ଏହା ଆଦେଶ ଦିଏ ଯେ, ତୁ ଯଦି ନିଜର ସନ୍ତାନକୁ ପ୍ରାଣରୁ ମାରି ବି ଦେଉ ତେବେ ତୋତେ ତତ୍‌ସଂକ୍ରାନ୍ତରେ କୌଣସି ପ୍ରଶ୍ନ ପଚରାଯିବ ନାହିଁ । ତେବେ ସେ କେବେ ବି ଏହି କଥା ଶୁଣିବାକୁ ପସନ୍ଦ କରିବ ନାହିଁ ଓ ସେ ଉକ୍ତ ସମ୍ରାଟକୁ ଗାଳି ଦେବ । କିନ୍ତୁ ସେହି ମାକୁ ଯେତେବେଳେ ଏହା ଜ୍ଞାତ ହେବ ଯେ, ତା'ର ସନ୍ତାନ ବଡ଼ ହେବା ପର୍ଯ୍ୟନ୍ତ ସେ ମୃତ୍ୟୁବରଣ କରିବ । ତଥାପି ବ୍ୟକ୍ତିଗତ ପ୍ରେମ ଯୋଗୁଁ ସେ ନିଜ

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family,
Jamat Ahmadiya Kerang,
Darul Barkat (Odisha)

ସନ୍ତାନର ଲାଳନ ପାଳନରେ କୌଣସି ଅବହେଳା ପ୍ରଦର୍ଶନ କରିବ ନାହିଁ କି ଏହି କାର୍ଯ୍ୟକୁ ସେ ପରିତ୍ୟାଗ କରିବ ନାହିଁ । ଅନେକ ସମୟରେ ଏହା ଦେଖା ଦେଇଛି ଯେ, ମାତା ପିତା ବୃଦ୍ଧ ହୋଇଥାଆନ୍ତି ଏବଂ ସେମାନଙ୍କର ସନ୍ତାନ ହୋଇଥାଏ । କିନ୍ତୁ ସେମାନେ ନିଜ ସନ୍ତାନ ଠାରୁ କୌଣସି ଆଶା ରଖି ନଥାଆନ୍ତି ଏବଂ ନିଜ ସନ୍ତାନ ଠାରୁ ଲାଭାନ୍ୱିତ ହେବାର କୌଣସି ଆଶା ରଖନ୍ତି ନାହିଁ । କିନ୍ତୁ ଏସବୁ ସତ୍ତ୍ୱେ ସେମାନେ ନିଜ ସନ୍ତାନମାନଙ୍କର ଲାଳନ ପାଳନ କରି ଥାଆନ୍ତି । ଏହା ଏକ ସ୍ୱଭାବିକ ପ୍ରସଙ୍ଗ ହୋଇଥାଏ । ଅତଏବ୍ ଯେଉଁ ପ୍ରେମ ଏହି ସ୍ତର ପର୍ଯ୍ୟନ୍ତ ପହଞ୍ଚି ଯାଏ ତାହାର ଇଙ୍ଗିତ اِيۡتَآئِ ذِي الْقُرْبٰى ରେ କରାଯାଇଛି । ଅର୍ଥାତ୍ ଏହି ପ୍ରକାରର ପ୍ରେମ ଅଲ୍ଲାଃତାଲାଙ୍କ ସହିତ ହେବା ଉଚିତ୍ ନା କି ମର୍ଯ୍ୟାଦା ବା ସ୍ତର ପ୍ରାପ୍ତିର ଅଭିଳାଷା କରିବା ଉଚିତ୍ ଓ ନା ହିଁ ତିରସ୍କାରର ଭୟ ଯୋଗୁଁ ହେବା ଉଚିତ୍।"

**(ମଲ୍‌ଫୁଜାତ୍, ଭାଗ-6, ପୃ-181-182, ପ୍ରକାଶନ ବର୍ଷ 1984 ମସିହା)**

ଆପଣ ଅ.ସ ପୁନଶ୍ଚ କହୁନ୍ତି: ଅତି ନିକୃଷ୍ଟ ସ୍ତରର ନ୍ୟାୟ ବିଚାର କହିଲେ ସେହି ନ୍ୟାୟ ବିଚାରକୁ ବୁଝାଏ ଯେ, ବ୍ୟକ୍ତି ଅନ୍ୟ ବ୍ୟକ୍ତି ଠାରୁ ଯେତିକି ନିଏ ସେତିକି ହିଁ ସେ ଉକ୍ତ ବ୍ୟକ୍ତିକୁ ଦିଏ । ନ୍ୟାୟ ବିଚାର କହିଲେ ଏହା ବୁଝାଏ ଯେ, ବ୍ୟକ୍ତି ଅନ୍ୟ ବ୍ୟକ୍ତି ଠାରୁ କୌଣସି ଜିନିଷ ନେଲା ସେତିକି ପରିମାଣରେ ସେ ଉକ୍ତ ମଧ୍ୟକୁ ମଧ୍ୟ ଫେରସ୍ତ କରୁ । ଅର୍ଥାତ ନ୍ୟାୟ ବିଚାରର ସର୍ବନିନମ୍ନ ସ୍ତର ଏହା ଯେ, ବ୍ୟକ୍ତି ଯଦି ସେହି ସର୍ବନିମ୍ନ ସ୍ତରରୁ ଉନ୍ନୀତ କରେ ତେବେ ତାହା ଉପକାରର ସ୍ତର ବୋଲି ବିବେଚିତ ହେବ । ଅର୍ଥାତ୍ ଜଣେ ବ୍ୟକ୍ତି ଅନ୍ୟ ବ୍ୟକ୍ତି ଠାରୁ କିଛି ଜିନିଷ ନେଲା ଓ ଅପର ମୁହୂର୍ତ୍ତରେ ସେ ଉକ୍ତ ବ୍ୟକ୍ତିକୁ କେବଳ ସେତିକି ପରିମାଣର ଜିନିଷ ନଦେଇ ବରଂ ଏହାଠୁ ବି ଅଧିକ ପ୍ରଦାନ କରେ ତେବେ ସେପରିପ୍ରେକ୍ଷୀରେ ତାହା ଉତ୍କୃଷ୍ଟ ନ୍ୟାୟ ବିଚାର ଅଟେ । ଅର୍ଥାତ୍ ଉପକାର କହିଲେ ଯେତିକି ପରିମାଣର ତୁମେ ଅନ୍ୟ ବ୍ୟକ୍ତି ଠାରୁ ଜିନିଷ ନେଲ ସେତିକି ପରିମାଣର ଜିନିଷ ତୁମେ ଉକ୍ତ ବ୍ୟକ୍ତିକୁ ଫେରସ୍ତ କରିଦିଅ ଅବା ଏହାଠୁ ବି ଅଧିକ କରି ଉକ୍ତ ବ୍ୟକ୍ତିକୁ ଫେରସ୍ତ କର । ପୁନଶ୍ଚ ଏହାଠୁ ବି ଅଧିକ ସ୍ତର ହେଉଛି اِيۡتَآئِ ذِي الْقُرْبٰى ଅଟେ । ଅର୍ଥାତ ଅନ୍ୟମାନଙ୍କ ସହିତ ଏପରି ପୁଣ୍ୟ ପ୍ରଦର୍ଶନ କର ଯେପରିକି ଜଣେ ମାତା ନିଜର ସନ୍ତାନ ପ୍ରତି ବିନା କୌଣସି ଉଦ୍ଦେଶ୍ୟ ରଖି ବା ବିନା କୌଣସି ସ୍ୱାର୍ଥ ତଥା ପ୍ରାପ୍ୟରେ ସ୍ୱଭାବିକ ପ୍ରେମ କରିଥାଏ । ପବିତ୍ର କୁରଆନ୍ କରୀମ୍‌ରୁ ଜ୍ଞାତ ହୁଏ ଯେ, ଈଶ୍ୱରାନୁରାଗୀ ବ୍ୟକ୍ତିମାନେ ପ୍ରଭୁଙ୍କ ଏପରି ପ୍ରେମକୁ ପ୍ରାପ୍ତ କରିନିଅନ୍ତି ଯେ, ତୁମେମାନେ ମଧ୍ୟ ଚାହିଁଲେ ଉନ୍ନତି କରି ଅଲ୍ଲାଃତାଲାଙ୍କ ସହିତ ଏପରି ପ୍ରେମ କର ଯଦ୍ଦ୍ୱାରାକି ତାହାଙ୍କର ସାନ୍ନିଧ ମଧ୍ୟ ପ୍ରାପ୍ତ କରିପାରିବ । ମନୁଷ୍ୟର ପ୍ରେମ କ୍ଷୁଦ୍ର ହୋଇ ନଥାଏ । ଅଲ୍ଲାଃତାଲାଙ୍କ କୃପାରୁ ଏହି କଥାଗୁଡ଼ିକ ପ୍ରାପ୍ତ ହୋଇଯାଇଥାଏ। ବରଂ ଏହା ଚାରିତ୍ରିକମୂଳକ ବ୍ୟାପକତାର କାର୍ଯ୍ୟ ମଧ୍ୟରୁ ଅନ୍ୟତମ ଅଟେ ।" ହୁଜୁର୍ ଅ.ସ କୁହନ୍ତି: "ମୁଁ ଏହା ସ୍ୱୀକାର କରେ ଯେ, ଈଶ୍ୱରାନୁରାଗୀ ବ୍ୟକ୍ତିମାନେ ଏହି ସ୍ତର ପର୍ଯ୍ୟନ୍ତ ଉନ୍ନୀତ ହୁଅନ୍ତି ଯେ, ସେମାନେ ମାତୃଳ ପ୍ରେମ ଅପେକ୍ଷା ମନୁଷ୍ୟ ପ୍ରତି ପ୍ରେମମୂଳକ ଆଚରଣ ପ୍ରଦର୍ଶନ କରିଥାଆନ୍ତି । ଅର୍ଥାତ୍ ମା ଅପେକ୍ଷା ମାନବ ଜାତିକୁ ଭଲ ପାଆନ୍ତି ।"

**(ମଲ୍‌ଫୁଜାତ୍, ଭାଗ-7, ପୃ-375, ପ୍ରକାଶନ ବର୍ଷ-1984 ମସିହା)**

ଭକ୍ତମାନଙ୍କର କର୍ତ୍ତବ୍ୟ ସମ୍ପାଦନ କରିବା ନିମନ୍ତେ ମାତା ମାନଙ୍କ ଅପେକ୍ଷା ଅଧିକ ଶ୍ରେୟସ୍କର ମନୁଷ୍ୟ ପ୍ରେମ ବିବେଚିତ ହୋଇଯାଇଥାଏ । ଆପଣ ଅ.ସ ପୁନଶ୍ଚ କୁହନ୍ତି: "ନ୍ୟାୟ ବିଚାରର ଅବସ୍ଥା ଏପରି ଅଟେ ଯେପରିକି ଜଣେ ଧର୍ମପରାୟଣ ବ୍ୟକ୍ତିର ଅବସ୍ଥା ନଫ୍‌ସେ ଅମ୍ମାରା ଆକାରରେ ପ୍ରକାଶିତ ହୋଇଥାଏ । ଉକ୍ତ ଅବସ୍ଥାର ସଂଶୋଧନ ନିମନ୍ତେ ନ୍ୟାୟ ବିଚାରର ଆଦେଶ ଏକାନ୍ତ ଅପରିହାର୍ଯ୍ୟ। ଅର୍ଥାତ୍ ପାପରୁ ବାହାରକୁ ବାହାରିବା, କୁଚିନ୍ତାଧାରରୁ ବାହାରକୁ ବାହାରିବା (ଅର୍ଥାତ୍ ମୁକ୍ତ ହେବା) ଇତ୍ୟାଦି ନ୍ୟାୟ ବିଚାରର ଅବସ୍ଥା ଅଟେ । ତହିଁରେ ଆତ୍ମାର ବିରୁଦ୍ଧାଚରଣ ପ୍ରଦର୍ଶନ କରିବାକୁ ପଡ଼ିଥାଏ । ପାପରୁ ବର୍ତ୍ତିବା ନିମନ୍ତେ ଆତ୍ମା ସହିତ ସଂଘର୍ଷ ଓ ବିରୋଧ ପ୍ରଦର୍ଶନ କରିବା ଇତ୍ୟାଦି ମଧ୍ୟ ନ୍ୟାୟ ବିଚାରର ଏକ କିସମ ଅଟେ । ଉଦାହରଣ ସ୍ୱରୂପ ଯଦି କୌଣସି ବ୍ୟକ୍ତିର ଋଣ ପରିଶୋଧ କରିବାର ଅଛି କିନ୍ତୁ ଆତ୍ମା ତହିଁରେ ଏହି ଇଚ୍ଛା ପ୍ରକାଶ କରିଥାଏ ଯେ, କୌଣସି ପ୍ରକାରେ ସେହି ଅର୍ଥକୁ ହଡ଼ପ କରିନେବି ଓ ଦୈବାତ୍ ଋଣର ଅବଧି ମଧ୍ୟ ଅତିକ୍ରାନ୍ତ ହୋଇଯାଏ । ତେବେ ସେ ସ୍ଥଳେ ଆତ୍ମା ଆହୁରି ସାହାସୀ, ନିର୍ଭୀକ ଏବଂ ଦାମ୍ଭିକ ହୋଇ ଉଠିବ ଯେ, ବର୍ତ୍ତମାନ ତ' ଆଇନତଃ ମଧ୍ୟ କୌଣସି ଧରପକଡ଼ ହୋଇ ପାରିବ ନାହିଁ । କିନ୍ତୁ ଏହା ଆଦୌ ସମୀଚୀନ ନୁହେଁ । ନ୍ୟାୟ ବିଚାର ଏହା ଆଶା କରେ ଯେ, ଋଣଦାତାଙ୍କର ଋଣ ପରିଶୋଧ କରାଯାଉ । ଯାହା ଦେୟ ଯୋଗ୍ୟ ଋଣ ତାହା ପୈଠ କରାଯାଉ ଏବଂ କୌଣସି ଆଳ ଓ ଟାଳଟୁଳ କରି ତା'ର ଋଣକୁ ହଡ଼ପ କରା ନଯାଉ । କେତେକ ଲୋକ ଋଣକୁ ହଡ଼ପ କରିବା, ଯଥା ସମୟରେ ପରିଶୋଧ କରନ୍ତି ନାହିଁ, ଆଉ କେତେକ ଲୋକ ଏହି ଅବସ୍ଥାରେ ସଂପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରି ଦିଅନ୍ତି ଯେ, ଆମେ କୌଣସି ଋଣ ନେଇ ନାହୁଁ କି ଆମେ ପରିଶୋଧ କରିବୁ ନାହୁଁ । ସେ ଯାହା ହେଉ ସେମାନଙ୍କୁ ଜାଣିନେବା ଉଚିତ୍ ଯେ, ଅଲ୍ଲାଃତାଲା ସେମାନଙ୍କର ପ୍ରତ୍ୟେକ କର୍ମ ଉପରେ ନଜର ରଖିଛନ୍ତି। ସେହି କ୍ରମରେ ଏହା ମଧ୍ୟ କହିଦେବାକୁ ଚାହୁଁଛି ଯେ, ନେଣଦେଣର କଳହ ଏଇଥିପାଇଁ ଆରମ୍ଭ ହୋଇଥାଏ ଯେ, ବେଳେବେଳେ ଲୋକମାନେ ଅନାବଶ୍ୟକ ବିଶ୍ୱାସ ଓ ଅନ୍ୟ ଲୋକମାନଙ୍କ ଉପରେ ଅଧିକ ବିଶ୍ୱାସ ଯୋଗୁଁ କଳହର ସୂତ୍ରପାତ ହୋଇଥାଏ । କିନ୍ତୁ ଅନ୍ୟ ପଟରେ ଅଲ୍ଲାଃତାଲାଙ୍କର ଆଦେଶ ରହିଛି ଯେ, ନେଣ ଦେଣର ପ୍ରସଙ୍ଗ ଯେତେବେଳେ ବି ହୁଏ ସେତେବେଳେ ତୁମେ ତାହାକୁ ଲିପିବଦ୍ଧ କରିନିଅ । ଅର୍ଥାତ ଲିଖିତ ଆକାରରେ ନେଣଦେଣ କରିନିଅ ।"

ଏହା ନୁହେଁ ଯେ, ସେ ମୋର ସଂପର୍କୀୟ ଅଟେ, ମୋର ନିକଟ ବା ଘନିଷ୍ଠ ବନ୍ଧୁ  ବୋଲି ମୁଁ ଲେଖିଲି ନାହିଁ । ଏହା ଦ୍ୱାରା କଳହର ସୂତ୍ରପାତ ହୋଇଥାଏ । ଫଳତଃ ନଫ୍‌ସେ ଅମ୍ମାରାହ (ମନୁଷ୍ୟର ମନକୁ ପ୍ରବର୍ତ୍ତାଉଥିବା ଆତ୍ମା) ମନୁଷ୍ୟକୁ କୁକାର୍ଯ୍ୟ କରିବା ପ୍ରତି ପ୍ରବର୍ତ୍ତାଇଥାଏ ଏବଂ ମନୁଷ୍ୟ କୁକାର୍ଯ୍ୟ ସମ୍ପାଦନ କରିବାକୁ ଉଦ୍ୟମ କରିଥାଏ । ସେ ଯାହା ହେଉ ଜଣେ ବିଶ୍ୱାସକାରୀର ଏହି କର୍ତ୍ତବ୍ୟ ରହିଛି ଯେ, ସେ ଏପରି କର୍ମରୁ ବର୍ତ୍ତିବାକୁ ଚେଷ୍ଟା କରୁ ବରଂ ନ୍ୟାୟ ବିଚାରକୁ ବିନିଯୋଗ କରୁ ।"

ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଅତ୍ୟନ୍ତ ଦୁଃଖ ଓ ପରିତାପର ସହିତ ମୋତେ ଏହା କହିବାକୁ ପଡୁଛି ଯେ, କେତେକ ଲୋକ ଏହି ସବୁ ପ୍ରସଙ୍ଗ ପ୍ରତି ଆଦୌ ଭୃକ୍ଷେପ କରନ୍ତି ନାହିଁ ଓ ଆମ ଜମାଅତ୍‌ରେ ମଧ୍ୟ ଏପରି ବ୍ୟକ୍ତି ଅଛନ୍ତି ଯେଉଁମାନେ ଋଣ ପରିଶୋଧ କରିବା ପ୍ରତି ଖୁବ କମ୍ ଧ୍ୟାନ ଦେଇଥାଆନ୍ତି । ତେଣୁ ଏହା ନ୍ୟାୟ ବିଚାରର ବିରୁଦ୍ଧୀୟ ଓ ପରିପନ୍ଥୀ ଅଟେ । ଆଁହଜରତ ସ.ଅ ଏହିପରି ଋଣଗ୍ରସ୍ତ ବ୍ୟକ୍ତିମାନଙ୍କର ନମାଜ ଯନାଜାଃ ପାଠ କରୁ ନଥିଲେ । ସୁତରାଂ ତୁମମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତିକୁ ଭଲ ଭାବରେ ଏହା ସ୍ମରଣ ରଖିବା ଉଚିତ୍ ଯେ, ଋଣ ପୈଠ କରିବାରେ ଅବହେଳା ପ୍ରଦର୍ଶନ କରିବା ଅନୁଚିତ୍ ଓ ପ୍ରତ୍ୟେକ ପ୍ରକାରର ବିଶ୍ୱସଘାତକତା ଏବଂ ଅବିଶ୍ୱାସ ଠାରୁ ପଳାୟନ କରିବା ଉଚିତ୍ । କାରଣ ଏହା ଐଶୀ ଆଦେଶାବଳୀ ବିରୁଦ୍ଧୀୟ ଅଟେ ।"

ହ. ମସିହ୍ ମଉଦ୍ ଅ.ସ ପୁନଶ୍ଚ କୁହନ୍ତି: "ଏହାପରେ ଉପକାରର ସ୍ତର ରହିଛି । ଯେଉଁ ବ୍ୟକ୍ତି ନ୍ୟାୟବିଚାର ପ୍ରତି ଆଦାର ସମ୍ମାନ ପ୍ରଦର୍ଶନ କରିଥାଏ ଓ ପ୍ରଭୁଙ୍କର ସୀମାକୁ ଲଂଘନ କରି ନିୟମ ଭଙ୍ଗ କରନ୍ତି ନାହିଁ ତେବେ ଅଲ୍ଲାଃତାଲା ସେହି ବ୍ୟକ୍ତିକୁ ସାମର୍ଥ୍ୟ ଏବଂ ଶକ୍ତି ପ୍ରଦାନ କରିଥାଆନ୍ତି ଓ ପୁଣ୍ୟରେ ଆହୁରି ଉନ୍ନତି କରିଥାଏ । ଏପର୍ଯ୍ୟନ୍ତକି ସେ ନ୍ୟାୟ ବିଚାର ହିଁ କରି ନଥାଏ ବରଂ ସାମାନ୍ୟ ପୁଣ୍ୟ ବଦଳରେ ବୃହତ୍ ପୁଣ୍ୟ ସମ୍ପାଦନ କରିଥାଏ । କିନ୍ତୁ ଉପକାରର ଅବସ୍ଥାରେ ମଧ୍ୟ ଏକ ଦୁର୍ବଳତା ବର୍ତ୍ତମାନ ଅବଶିଷ୍ଟ ହୋଇଥାଏ । ତାହା ଏହିକି ଯେ, କୌଣସି ନା କୌଣସି ସମୟରେ ସେହି ପୁଣ୍ୟକୁ ସେ ଜ୍ଞାପନ ଓ ସ୍ମରଣ କରାଇ ଦେଇଥାଏ। ଉଦାହରଣ ସ୍ୱରୂପ ଜଣେ ବ୍ୟକ୍ତି ଦଶ ବର୍ଷ ପର୍ଯ୍ୟନ୍ତ କୌଣସି ବ୍ୟକ୍ତିକୁ ରୁଟି ଖୁଆଏ ଓ ସେହି ଖାଉଥିବା ବ୍ୟକ୍ତି ଜଣକ ଉକ୍ତ ବ୍ୟକ୍ତିର କୌଣସି କଥା ମାନେ ନାହିଁ ତେବେ ଆହାର ଦେଉଥିବା ବ୍ୟକ୍ତି ଜଣକ ଖାଉଥିବା ବ୍ୟକ୍ତିକୁ କହିଦିଏ ଯେ, ଉକ୍ତ ବ୍ୟକ୍ତି ଜଣକ ଦଶ ବର୍ଷ ପର୍ଯ୍ୟନ୍ତ ଆମ ରୁଟିର ଖଣ୍ଡ ଭକ୍ଷଣ କରି ଆମର ଦାସ ଅଟେ । ଏହିପରି କଥା କହି ଖାଦ୍ୟ ଖୁଆଉଥିବା ବ୍ୟକ୍ତି ନିଜର ସେହି ପୁଣ୍ୟକୁ ପ୍ରଭାବହୀନ ଅର୍ଥାତ ନିଷ୍ପ୍ରଭ କରିଦେଇଥାଏ । ପ୍ରକୃତରେ ଉପକାରକାରୀ ବ୍ୟକ୍ତି ମଧ୍ୟରେ ମଧ୍ୟ ଏକ ପ୍ରକାରର ଗୁପ୍ତ ଲୋକ ଦେଖାଣିଆ କର୍ମ ନିହିତ ଥାଏ । କିନ୍ତୁ ତୃତୀୟ ପ୍ରକାରର ସ୍ତର ହେଉଛି ପ୍ରତ୍ୟେକ ପ୍ରକାରର ମଳ ଓ କଳୁଷତାରୁ ପବିତ୍ର


**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

**"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।**

(ମଲଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

**"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।**

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ଅବଲମ୍ବନ କରିବା ଏବଂ ତାହା اِيْتَاۤئِ ذِى الْقُرْبٰىର ସ୍ତର ଅଟେ ।"

ହୁଜୁର ଅ.ସ କୁହନ୍ତି: "اِيْتَاۤئِ ذِى الْقُرْبٰىର ସ୍ତର ସ୍ୱାଭାବିକ ଅବସ୍ଥାର ସ୍ତର ଅଟେ। ଅର୍ଥାତ ଯେଉଁ ସ୍ଥାନରେ ମନୁଷ୍ୟ ଦ୍ୱାରା ଏଭଳି ପୁଣ୍ୟ କର୍ମ ସମ୍ପାଦିତ ହୁଏ ଯେପିରିକି ସ୍ୱଭାବ ଆଶା କରିଥାଏ । ଏହାର ଉଦାହରଣ ଏପରି ଯେପରିକି ମା ନିଜର ସନ୍ତାନକୁ ସ୍ତନ୍ୟ ପାନ କରାଇଥାଏ ଓ ତା'ର ଲାଳନ ପାଳନ ଏବଂ ସେବା ଯତ୍ନ ମଧ୍ୟ କରିଥାଏ । ସେ କେବେ ଏହା ଭାବି ନଥାଏ ଯେ, ମୋ ସନ୍ତାନ ବଡ଼ ହୋଇ ଅର୍ଥ ଉପାର୍ଜନ କରି ଓ ମୋର ସେବା କରିବ । ନା । ବରଂ ଯଦି କୌଣସି ସମ୍ରାଟ୍ ମାତାକୁ ଏହି ଆଦେଶ ଦିଏ ଯେ, ସେ ଯଦି ନିଜର ସନ୍ତାନକୁ ସ୍ତନ୍ୟ ପାନ ନକରାଏ ଓ ଏପରି କରିବା ଦ୍ୱାରା ତା'ର ସନ୍ତାନ ଯଦି ମୃତ୍ୟୁ ବରଣ କରେ ତେବେ ମାତାକୁ ସମ୍ରାଟ ଧରପକଡ଼ କରିବେ ନାହିଁ କି ତତସଂକ୍ରାନ୍ତରେ କୌଣସି ପ୍ରଶ୍ନ କରିବେ ନାହିଁ । ସମ୍ରାଟର ଏହି ଆଦେଶ ସତ୍ତ୍ୱେ ସେ ନିଜ ସନ୍ତାନକୁ କ୍ଷୀର ପାନ କରାଇବା ପରିତ୍ୟାଗ କରିପାରିବ ନାହିଁ । ବରଂ ଏଭଳି ସମ୍ରାଟକୁ ସେ ଗାଳିଗୁଲଚ ଏବଂ ନିନ୍ଦା ଓ ଭର୍ତ୍ସନା କରିବ । ଏହା ଏଇଥିପାଇଁ ଯେ, ସନ୍ତାନର ଲାଳନ ପାଳନ, ସେବା ଯତ୍ନ କରିବା ଜଣେ ମାତାଙ୍କର ସ୍ୱଭାବୀୟ ଗୁଣ ଅଟେ । ମାତାର ସ୍ୱଭାବ ଏହି ଆଶା କରେ ଯେ, ତା'ର ସନ୍ତାନ କ୍ଷୀର ପାନ କରୁ । ସେ କୌଣସି ଆଶା କିମ୍ବା ଭୟକୁ ଖାତିର କରେ ନାହିଁ । କହିବାର ତାତ୍ପର୍ଯ୍ୟ ଏହିକି ଯେ, ଉପକାର ଏବଂ ସ୍ୱଭାବିକ ଅବସ୍ଥା, ଅଭିଳାଷା କିମ୍ବା ଭୟକୁ ଆଶା କରି ନଥାଏ। ତାହା କୌଣସି ତାହା କୌଣସି ଆଶା କିମ୍ବା ଭୟ ଉପରେ ପର୍ଯ୍ୟବେସିତ ନୁହେଁ । ସେହିପରି ମନୁଷ୍ୟ ଯେତେବେଳେ ପୁଣ୍ୟରେ ଉନ୍ନତି କରୁ କରୁ ସେହି ସ୍ଥାନ ପର୍ଯ୍ୟନ୍ତ ପହଞ୍ଚିଯାଏ ଯେଉଁଠି ସେହି ପୁଣ୍ୟାବଳୀଗୁଡ଼ିକ ତା' ଦ୍ୱାରା ଏଭଳି ସମ୍ପାଦିତ ହୋଇଥାଏ ଯେପରିକି ତାହା ଏକ ସ୍ୱାଭାବିକ ଆଶା ଅଟେ । ଅତଏବ୍ ଏହା ହିଁ ହେଉଛି ସେହି ଅବସ୍ଥା ଯାହାର ଅନ୍ୟ ନାମ ନଫ୍‌ସେ ମୁତ୍‌ମଇନ୍ନାହ୍ (ପ୍ରଶାନ୍ତ ଆତ୍ମା) ଅଟେ । **(ମଲ୍‌ଫୁଜାତ୍, ଭାଗ-8, ପୃ-312-314, ପ୍ରକାଶନ ବର୍ଷ-1984 ମସିହା)**

ଆପଣ ପୁନଶ୍ଚ କୁହନ୍ତି: "ମାତା ନିଜେ ଦୁଃଖ ସହ୍ୟ କରିନେଇଥାଏ କିନ୍ତୁ ନିଜର ସନ୍ତାନକୁ ସୁଖ ପ୍ରଦାନ କରିବା ପାଇଁ ଉଦ୍ୟମ କରିଥାଏ । ନିଜେ ଆର୍ଦ୍ର ସ୍ଥାନରେ ଶୁଏ ଓ ନିଜର ସନ୍ତାନକୁ ଶେଯର ଶୁଷ୍କ ଭାଗର ଶୁଆଇଥାଏ । ସନ୍ତାନ ଯେତେବେଳେ ଅସୁସ୍ଥ ହୋଇପଡ଼େ ସେତେବେଳେ ମାତା ବ୍ୟଗ୍ର ହୋଇ ଅହୋରାତ୍ର ଉଜାଗର ରହିଥାଏ ଏବଂ ନାନା ପ୍ରକାରର ଦୁଃଖ କଷ୍ଟ ସହ୍ୟ କରିଥା। ବର୍ତ୍ତମାନ କୁହ ଭଲା କି ମା ଯିଏ ନିଜ ସନ୍ତାନ ପାଇଁ ସବୁକିଛି ସହ୍ୟ କରିଥାଏ ତା' ଠାରେ କୃତ୍ରିମାତ ଓ ଆଡ଼ମ୍ବରତାର କୌଣସି ଅଂଶ ଦେଖିବାକୁ ମିଳିପାରିବ କି ? ଏହା ତ' ନିଷ୍ପାପୂର୍ଣ୍ଣ ଓ ଅନାବିଳ ମମତ୍ୱ ପ୍ରେମ ଯୋଗୁଁ ହୋଇଥାଏ । ଏହି ପ୍ରେମ ଅଲ୍ଲାଃତାଲାଙ୍କ ଅଧିକାର ଏବଂ ଭକ୍ତମାନଙ୍କର ଅଧିକାର ସମ୍ପାଦନ କରିବା ନିମନ୍ତେ ଜଣେ ବିଶ୍ୱାସକାରୀମାନଙ୍କ ମଧ୍ୟରେ ବିଦ୍ୟମାନ ହେବା ଉଚିତ୍ । ଅଲ୍ଲାଃତାଲା କୁହନ୍ତି ଯେ, ଉପକାରର ସ୍ତର ଠାରୁ ଆଗକୁ ଅଗ୍ରସର ହୁଅ ଓ اِيْتَاۤئِ ذِى الْقُرْبٰىର ସ୍ତର ପର୍ଯ୍ୟନ୍ତ ଉନ୍ନୀତ ହୁଅ । ଅଲ୍ଲାଃତାଲାଙ୍କ ପ୍ରାଣୀମାନଙ୍କ ସହିତ ବିନା କୌଣସି ପୁଣ୍ୟ କିମ୍ବା ବିନା କୌଣସି ଲାଭର ଆଶା ରଖି ଓ ଆବେଗିକ ଉତ୍ସାହରୁ ବହିର୍ଭୂତ ହୋଇ ସେମାନଙ୍କର ସେବା କର ଓ ସେମାନଙ୍କର ପୁଣ୍ୟ କର । ତୁମମାନଙ୍କର ଈଶ୍ୱରଙ୍କ ପ୍ରାଣୀମାନଙ୍କର ପ୍ରତି ଏପରି ପୁଣ୍ୟା ପ୍ରଦର୍ଶନ କର କି ତହିଁରେ କୃତ୍ରିମତା ଏବଂ ଆଡ଼ମ୍ବରତା କଦାପି ନହେଉ ।" ଅନ୍ୟ ଏକ ଅବସରରେ ଆପଣ ଅ.ସ କୁହନ୍ତି: "ଅନ୍ୟ ଏକ ଅବସରରେ ଅଲ୍ଲାଃତାଲା କୁହନ୍ତି: "لَا نُرِيْدُ مِنْكُمْ جَزَآءً وَّلَا شُكُوْرًا"**(ଅଦ୍ ଦହର୍: 10)** ଆମେମାନେ ତୁମମାନଙ୍କ ଠାରୁ ଏଥିପାଇଁ କୌଣସି ପୁରସ୍କାର ମାଗୁ ନାହୁଁ କି କୃତଜ୍ଞତା ଲୋଡୁ ନାହୁଁ । ଅର୍ଥାତ ଈଶ୍ୱରଙ୍କ ପର୍ଯ୍ୟନ୍ତ ପହଞ୍ଚ ଥିବା ବ୍ୟକ୍ତି ଓ ସର୍ବୋଚ୍ଚ ବିକାଶ ସ୍ତରରେ ପହଞ୍ଚିଥିବା ମନୁଷ୍ୟର ଏହି ନିୟମ ରହିଛି ଯେ, ତା'ର ପୁଣ୍ୟ କେବଳ ଅଲ୍ଲାଃତାଲାଙ୍କ ନିମନ୍ତେ ଉଦ୍ଦିଷ୍ଟ ହୋଇଥାଏ ଓ ତା' ମନରେ ଏହି ଚିନ୍ତାଧାର ମଧ୍ୟ ନଥାଏ ଯେ, ତା' ପାଇଁ ଦୁଆ କରାଯାଉ ଅବା ତା'ର କୃତଜ୍ଞତା ଜ୍ଞାପନ କରାଯାଉ । ପୁଣ୍ୟ ଏହି ଆଶା କରେ ଯାହାକି ମାନବ ଜାତି ସକାଶେ ତା' ହୃଦୟରେ ରଖାଯାଇଛି । ଏହିପରି ପୁଣ୍ୟ ତଥା ପବିତ୍ରତା ଆମେମାନେ ନା ତୌରାତ୍‌ରେ ଅବଲୋକନ କରିଛୁ ଓ ନା ହିଁ ଇଞ୍ଜିଲ୍‌ରେ । ପୃଷ୍ଠା ପୃଷ୍ଠା କରି ଆମେମାନେ ପାଠ କରିଛୁ କିନ୍ତୁ ଏହିପରି ପବିତ୍ର ଓ ପୂର୍ଣ୍ଣାଙ୍ଗ ଶିକ୍ଷାର ଚିହ୍ନ ବର୍ଣ୍ଣ ଆମେମାନେ କେଉଁଠି ବି ପାଇ ନାହୁଁ ।"

**(ମଲ୍‌ଫୁଜାତ୍, ଭାଗ-10, ପୃ-416-417, ପ୍ରକାଶନ ବର୍ଷ-1984 ମସିହା)**

ଆପଣ ଅ.ସ ପୁନଶ୍ଚ କୁହନ୍ତି: "ଅଲ୍ଲାଃତାଲାଙ୍କର ଏହି ଆଦେଶ ରହିଛି ଯେ, ତୁମେମାନେ ପୁଣ୍ୟ ବଦଳରେ ପୁଣ୍ୟ କର ଓ ଯଦି ନ୍ୟାୟ ଠାରୁ ଅଧିକ ଉପକାର କରିବାର ସୁଯୋଗ ପ୍ରାପ୍ତ ହୁଏ, ଉଚିତ୍ ସ୍ଥାନ ଏବଂ କାଳ ପ୍ରାପ୍ତ ହୁଏ ତେବେ ସେ ପରିପ୍ରେକ୍ଷୀରେ ଉପକାର କର । ଯଦି ଉପକାରର ଠାରୁ ଅଧିକ ଆତ୍ମୀୟ ସ୍ୱଜନମାନଙ୍କ ପରି ସ୍ୱଭାବିକ ଉତ୍ସାହ ଦ୍ୱାରା ପୁଣ୍ୟ କରିବାର ସୁଯୋଗ ମିଳେ ତେବେ ସେଠାରେ ସ୍ୱଭାବିକ ସହାନୁଭୂତି ଦ୍ୱାରା ପୁଣ୍ୟ କର । ଅଲ୍ଲାଃତାଲା ଏପରି କରିବାକୁ ବାରଣ କରିଛନ୍ତି ଯେ, ତୁମେମାନେ ସୀମା ଓ ମଧ୍ୟବର୍ତ୍ତୀ ମାର୍ଗରୁ ଆଗକୁ ଅତିକ୍ରମ କରିଯାଅ । ସେ ଯାହା ହେଉ ମଧ୍ୟମ ପନ୍ଥାକୁ ସର୍ବଦା ଅବଲମ୍ବନ କରିବା ଉଚିତ୍ । କିମ୍ବା ଉପକାର ସଂକ୍ରାନ୍ତରେ ଅସ୍ୱୀକୃତମୂଳକ ଅବସ୍ଥା ଏବଂ କାର୍ଯ୍ୟ ତୁମ ଦ୍ୱାରା ସାଧିତ ନହେଉ । କାରଣ ଏପରି କାର୍ଯ୍ୟକୁ ବୁଦ୍ଧି ଓ ବିବେକ ପ୍ରତ୍ୟାଖ୍ୟାନ କିରଥାଏ । ଅର୍ଥାତ୍ ତୁମେମାନେ ଅନଚୌତ୍ୟ ସ୍ଥାନରେ ମଧ୍ୟ ଉପକାର ସମ୍ପାଦନ କରିବା ଅନୁଚିତ୍ ଏବଂ ଯେଉଁଠି ଉପକାର କରିବାର ଆବଶ୍ୟକତା ରହିଛି ସେଠାରେ ଉପକାର କରିବାକୁ ଅସ୍ୱୀକାର ଓ ଅସୂୟା ଭାବ ମଧ୍ୟ କରିବ ନାହିଁ। ସେ ଯାହା ହେଉ ଏହି ପ୍ରସଙ୍ଗ ସର୍ବଦା ଦୃଷ୍ଟିରେ ରଖିବ ଯେ, ବୁଦ୍ଧି ଓ ବିବେକ କ'ଣ ଆଶା କରୁଛି ଓ ଲାଭ କେଉଁଥିରେ ରହିଛି ? ଅବା ଏହା କି ତୁମେମାନେ ଯଥାସ୍ଥାନରେ اِيْتَاۤئِ ذِى الْقُرْبٰىରେ କିଛି ନ୍ୟୁନତା ପ୍ରଦର୍ଶନ କର କିମ୍ବା ଅତ୍ୟଧିକ ଦୟା ପ୍ରଦର୍ଶନ କର । ଉପରୋକ୍ତ ପବିତ୍ର ଆୟତ୍‌ରେ ପୁଣ୍ୟ ପ୍ରାପ୍ତି କରିବା ନିମନ୍ତେ ତିନୋଟି ସ୍ତର ସଂକ୍ରାନ୍ତରେ ବର୍ଣ୍ଣନା କରାଯାଇଛି । ଅତଏବ ଯେଉଁଠି ଏହି ପୁଣ୍ୟାବଳୀ ସମ୍ପାଦନ କରିବା ନିମନ୍ତେ ଆଦେଶ ଦିଆଯାଇଛି ସେଠାରେ ବୁଦ୍ଧି-ବିବେକ ଓ ମଧ୍ୟମ ପନ୍ଥା ତଥା ସତ୍‌ଉଦ୍ଦେଶ୍ୟ ପ୍ରାପ୍ତି ନିମନ୍ତେ ମଧ୍ୟ ଉପଦେଶ ଦିଆଯାଇଛି ଏବଂ ଏହି ଆଦେଶ ମଧ୍ୟ ଦିଆଯାଇଛି ଯେ, ତୁମମାନଙ୍କର ଏହି ସମସ୍ତ ପୁଣ୍ୟାବଳୀ ଏଥିପାଇଁ ହେଉ ଯେ, ଏହା ତୁମମାନଙ୍କର ଉପକାର ସାଧନ କରୁ ନା କି ସମାଜରେ ବିଶୃଙ୍ଖଳା ସୃଷ୍ଟି କରୁ । ମା କେବେ ବି ନିଜ ସନ୍ତାନ ହସ୍ତରେ ତା'ର ସତ ଅଝଟପଣ ତଥା ଆଗ୍ରହ ଯୋଗୁଁ କେବେ ବି ତା' ହସ୍ତରେ ଅଗ୍ନିର ଅଙ୍ଗାର ଧରାଇ ଦେଇ ନଥାଏ । ସୁତରାଂ ପ୍ରକୃତ ଉଦ୍ଦେଶ୍ୟ ପୁଣ୍ୟ ଓ ହିତକାଂକ୍ଷି ଅଟେ । ତେଣୁ ଏଥି ନିମନ୍ତେ ତିନୋଟି ପୁଣ୍ୟାବଳୀ ସମ୍ପାଦନ କରିବାକୁ ପଡ଼ିଥାଏ।"

ଆପଣ ଅ.ସ ପୁନଶ୍ଚ କୁହନ୍ତି: **ପ୍ରଥମତଃ** ଏହି ସ୍ତର ଯେ, ପୁଣ୍ୟ ବଦଳରେ ପୁଣ୍ୟ କରାଯାଉ । ଜଣେ ନିକୃଷ୍ଟ ବ୍ୟକ୍ତି ମଧ୍ୟ ଏହି ଆଚରଣ ପ୍ରାପ୍ତ କରିନେଇଥାଏ। କାରଣ ପୁଣ୍ୟାବଳୀ ପ୍ରଦର୍ଶନକାରୀଙ୍କ ସହିତ ପୁଣ୍ୟ ପ୍ରଦର୍ଶନ କରିଥାଏ । ଯେକୌଣସି ସଭ୍ୟ ଓ ଶିଷ୍ଟ ବ୍ୟକ୍ତି ଏହି ପୁଣ୍ୟ ପ୍ରଦର୍ଶନ କରିଥାଏ । ଏହା ଏକ ମୌଳିକ ପ୍ରସଙ୍ଗ ଅଟେ । ଏହା ଏପରି କୌଣସି ସର୍ବୋଚ୍ଚ ପୁଣ୍ୟ ନୁହେଁ। ଏହା ତ' ଶିଷ୍ଟତା ଅଟେ। **ଦ୍ୱିତୀୟ** ସ୍ତର ଏହାଠୁ ବି କ୍ଲୀଷ୍ଟ ଅଟେ ଏବଂ ତାହା ଏହିକି ଯେ, ପ୍ରଥମତଃ ନିଜେ ପୁଣ୍ୟ କରନ୍ତୁ ଓ ବିନା କୌଣସି ଅଧିକାର ତଥା ସ୍ୱାର୍ଥରେ ଉପକାର ସ୍ୱରୂପ ବ୍ୟକ୍ତିକୁ କୌଣସି ଲାଭ ପହଞ୍ଚାଇବା ଆଦି ଆଚରଣ ମଧ୍ୟମ ସ୍ତରୀୟ ଆଚରଣ ଅଟେ । ଅନେକ ଲୋକ ଦରିଦ୍ର ବ୍ୟକ୍ତି ଉପରେ ଉପକାର କରିଥାନ୍ତି ଏବଂ ଉପକାରରେ ଏକ ପ୍ରକାରର ଗୁପ୍ତ ଦୋଷ ଦୁର୍ବଳତା ଏବଂ ଖୁଣ ନିହିତ ରହିଥାଏ । ଅର୍ଥାତ ଉପକାର କର୍ତ୍ତା ଏହା ଭାବିଥାଏ ଯେ, ମୁଁ ବ୍ୟକ୍ତି ଉପରେ ଉପକାର କରିଛି । ତେଣୁ ଅନ୍ତତଃ ସେହି ବ୍ୟକ୍ତି ମୋର ଉପକାର ବଦଳରେ ମୋର କୃତଜ୍ଞତା ଜ୍ଞାପନ କରିବ ଓ ମୋ ପାଇଁ ପ୍ରାର୍ଥନା କରିବ । ଯଦି କୌଣସି ଉପକୃତ ବା ହିତାଧିକାରୀ ଉପକାରକାରୀର ବିରୋଧୀ ହୋଇଯାଏ ତେବେ ସେହି ଉପକାରକାରୀ ବ୍ୟକ୍ତି ଉକ୍ତ ଉପକୃତ ବ୍ୟକ୍ତିକୁ କୃତଘ୍ନ ବୋଲି ବିବେଚିତ କରେ । ଅର୍ଥାତ୍ ଯେଉଁ ବ୍ୟକ୍ତି ଉପରେ କୌଣସି ଉପକାର କରାଯାଇଛି ସେ ଯଦି କୌଣସି କାରଣ ବଶତଃ ଉପକାର ସାଧନ କରୁଥିବା ବ୍ୟକ୍ତିର ବିରୋଧୀ ହୋଇଯାଏ ତେବେ ଉପକାର ସାଧନକାରୀ ବ୍ୟକ୍ତି ଉକ୍ତ ଉପକୃତ ବ୍ୟକ୍ତିକୁ କୃତଘ୍ନ ବୋଲି କହିଥାଏ । ବେଳେବେଳେ ଉପକାର ସାଧନ କରିଥିବା ବ୍ୟକ୍ତି ଉପକୃତ ବ୍ୟକ୍ତି ଉପରେ ଉପକାର କରିଥିବା ହେତୁ ତା' ଉପରେ ସାମର୍ଥ୍ୟ ବହିର୍ଭୂତ ବୋଝ ଲଦି ଦେଇଥାଏ ଏବଂ କହେ କି ମୁଁ ତୋ ଉପରେ ଅମକ ଉପକାର କରିଥିଲି ଓ ତୁମକୁ ଏତିକି ସମୟ ଧରି ସାହାଯ୍ୟ କଲି। ତୁମେ ମୋ ଠାରୁ ଲାଭାନ୍ୱିତ ଏବଂ ଉପକୃତ ହେଉଅଛ । ତେବେ ଉପକାର ସାଧାନକାରୀ ବ୍ୟକ୍ତି ସେହି ବ୍ୟକ୍ତି ଉପରେ ତା' ସାମର୍ଥ୍ୟ ଠାରୁ ଅଧିକ ବୋଝ ଲଦି ଦେଇଥାଏ ଏବଂ ନିଜର ଉପକାରକୁ ବଖାଣିଥାଏ ଓ ଉପକାର ସ୍ମରଣ କରାଇ ଦେଇଥାଏ । ଯେପରିକି ଅଲ୍ଲାଃତାଲା ଉପକାର ସାଧନରୀ ବ୍ୟକ୍ତିକୁ ସତର୍କ କରାଇ କୁହନ୍ତି: لَا تُبْطِلُوْا صَدَقٰتِكُمْ بِالْمَنِّ وَالْاَذٰى **(ଅଲ୍ ବକରାହ୍: 265)** ଅର୍ଥାତ୍ ହେ ବିଶ୍ୱାସକାରୀମାନେ! ତୁମେମାନେ ଉପକାର ବଖାଣି ଓ କ୍ଲେଶ ଦେଇ ନିଜ ଦାନକୁ ସେହି ବ୍ୟକ୍ତି ସଦୃଶ ନଷ୍ଟ କର ନାହିଁ । ଅଲ୍ଲାଃତାଲା ଏପରି ବ୍ୟକ୍ତିମାନଙ୍କୁ ସତର୍କ କରାଇ ଦେଇଛନ୍ତି ଯେ, ଏହିପରି ଉପକାର ତୁମମାନଙ୍କ ନିମନ୍ତେ କୌଣସି ଲାଭଦାୟକ ସାବ୍ୟସ୍ତ ହେବ ନାହିଁ । ତୁମେମାନେ ଯେଉଁ ଦାନ ଦକ୍ଷିଣା କରୁଛି ତାହାର ମୁଳଦୁଆ ସତ୍ୟତା ଓ ନିଷ୍ଠା ଉପରେ ପ୍ରତିଷ୍ଠିତ ଅଟେ । ତେଣୁ ତୁମେ ଯଦି ନିଜର ଉପକାର ବଖାଣି ଉପକାରକୁ ସ୍ମରଣ କରାଅ ତେବେ ତୁମର ସମସ୍ତ ଉପକାର ନଷ୍ଟ ହୋଇଗଲା। ଅର୍ଥାତ୍ ସଦ୍‌କା (ଦାନ)ର ଶବ୍ଦ **ସିଦ୍‌କ୍** (ସତ୍ୟତାରୁ ଆନୀତ ବା ଉଦ୍ଧୃତ) । ସୁତରାଂ ହୃଦୟରେ ଯଦି ସତ୍ୟତା ଓ ନିଷ୍ଠା ନାହିଁ ତାହାହେଲେ ସେହି ଦାନ ଦାନ ହେବ ନାହିଁ ବରଂ ତାହା ମୂଲ୍ୟହୀନ ଓ ଲୋକ ଦେଖାଣିଆ କର୍ମ ହୋଇଯାଇଥାଏ । ସୁତରାଂ ଉପକାର ସାଧନକାରୀ ବ୍ୟକ୍ତି ମଧ୍ୟରେ ଏହି ଦୋଷ

ଦୁର୍ବଳତା ଥାଏ ଯେ, ସେ କ୍ରୋଧର ବଶବର୍ତ୍ତୀହୋଇ ନିଜର ଉପକାରକୁ ଉପକୃତ ବ୍ୟକ୍ତି ସମ୍ମୁଖରେ ବଖାଣି ଦେଇଥାଏ । ସେହି କାରଣରୁ ଅଲ୍ଲାଃତାଲା ଉପକାର ସାଧନକାରୀ ବ୍ୟକ୍ତିଙ୍କୁ ସତର୍କ ଓ ଭୟଭୀତ କରାଇ ଦେଇଛନ୍ତି ।

ଅଲ୍ଲାଃତାଲା ପୁଣ୍ୟ ପ୍ରାପ୍ତି ନିମନ୍ତେ ତୃତୀୟ ସ୍ତର ସଂକ୍ରାନ୍ତରେ ଏହା କହିଛନ୍ତି ଯେ, ତୁମର ଦୃଷ୍ଟି ଆଦୌ ଉପକାର ଉପରେ ନହେଉ ଓ ନା ହିଁ କୃତଜ୍ଞତା ଜ୍ଞାପନ ଉପରେ ହେଉ । ବରଂ ତୁମେ ଏପରି ସହାନୁଭୂତିମୂଳକ ଉତ୍ସାହ ଦ୍ୱାରା ପୁଣ୍ୟ କର୍ମ ସମ୍ପାଦନ କର ଯେପରିକି ଏକ ଅତି ଆତ୍ମୀୟ ସ୍ୱଜନ ଉଦାହରଣ ସ୍ୱରୂପ ମାତା ଯିଏ ସହାନୁଭୂତିର ଉତ୍ସାହ ଦ୍ୱାରା ଅନୁପ୍ରାଣିତ ହୋଇ ନିଜ ସନ୍ତାନ ପ୍ରତି ପୁଣ୍ୟ ପ୍ରଦର୍ଶନ କରିଥାଏ । ତେଣୁ ଏହା ହେଉଛି ସେହି ଶେଷ ସ୍ତରୀୟ ପୁଣ୍ୟ ପ୍ରାପ୍ତି ଯାହାଠାରୁ ଆଗକୁ ଉନ୍ନୀତ ହେବା ସମ୍ଭପର ନୁହେଁ । କିନ୍ତୁ ଅଲ୍ଲାଃତାଲା ସେହି ସମସ୍ତ ପୁଣ୍ୟ ପ୍ରାପ୍ତିର କିସମକୁ ସ୍ଥାନ, କାଳ ଓ ପାତ୍ର ଦ୍ୱାରା ସଂଶ୍ଳୀଷ୍ଟ କରି ଦେଇଛନ୍ତି ଏବଂ ଚର୍ଚ୍ଚିତ ଆୟତ୍ତରେ ସ୍ପଷ୍ଟ ରୂପେ କହି ଦେଇଛନ୍ତି ଯେ, ଯଦି ଏହି ପୁଣ୍ୟ ନିଜ ନିଜ ସ୍ଥାନରେ ବ୍ୟବହୃତ ନହୁଏ ତାହାହେଲେ ଏହା ପାପ ହୋଇଯିବ। ଅର୍ଥାତ୍ ପାପରେ ରୂପାନ୍ତରିତ ହୋଇଯିବ । ଅଲ୍ଲାଃତାଲା ଏହି ସତର୍କବାଣୀ ମଧ୍ୟ ଦେଇଛନ୍ତି ଯେ, ଯଦି ପୁଣ୍ୟ ନିଜ ନିଜ ସ୍ଥାନରେ ସମ୍ପାଦନ ନହୁଏ, ସଠିକ୍ ରୂପେ ସମ୍ପାଦନ ତଥା ବ୍ୟବହୃତ ନହୁଏ ତାହାହେଲେ ସଂସାରରେ ଉପଦ୍ରବ ସୃଷ୍ଟି କରିଥାଏ । ସେତେବେଳେ ତାହା ପୁଣ୍ୟ ହେବ ନାହିଁ ବରଂ ପାପ ହୋଇଯିବ । ନ୍ୟାୟ ପରିବର୍ତ୍ତେ ତାହା ଅଶ୍ଳୀଳତା ହୋଇଯିବ ।

ହୁଜୁର ଅନୱର୍ ଅ.ବ କହିଲେ, ପରବର୍ତ୍ତୀ ଯେଉଁ ଅଂଶ ରହିଛି ତା'ର ମଧ୍ୟ କିଞ୍ଚିତ ଚର୍ଚ୍ଚା କରିଦେଉଛି ଯେ, ପାପରୁ କିପରି ବର୍ତ୍ତାଯାଇ ପାରିବ । ଅର୍ଥାତ ନ୍ୟାୟ ବିଚାର କିପରି ଅଶ୍ଳୀଳତା ହୋଇଯାଏ । ସୁତରାଂ ସୀମା ଠାରୁ ଯଦି ଅଧିକ ସୀମା ଲଂଘନ କର ତାହାହାଲେ ଅପବିତ୍ର ପରିସ୍ଥିତି ସୃଷ୍ଟି ହୋଇଯାଏ। ସେହିପରି ଉପକାରର ପ୍ରତ୍ୟାଖ୍ୟାନକାରୀ ହେଲେ ପରିସ୍ଥିତି ଜଟିଳ ହୋଇ ପଡ଼ିବ ଏବଂ ନାନା ସମସ୍ୟା ଉପୁଜିଯିବ । ଏହା ଉପକାର ହେବ ନାହିଁ ବରଂ ମନୁଷ୍ୟ ସେତେବେଳେ ପ୍ରତ୍ୟାଖ୍ୟାନକାରୀ ବା କୃତଘ୍ନ ହୋଇଯିବ । ଅର୍ଥାତ୍ ଅଯଥା ସ୍ଥାନରେ ସହାନୁଭୂତିର ଉତ୍ସାହ ଏକ ବିଶୃଙ୍ଖଳିତ ପରିସ୍ଥିତି ସୃଷ୍ଟି କରିବ। ପ୍ରକୃତରେ بغی(ବଗା)ସେହି ବର୍ଷାକୁ କୁହାଯାଏ ଯାହାକି ଅତ୍ୟଧିକ ବର୍ଷିଯାଏ ଏବଂ ଶଷ୍ୟ କ୍ଷେତକୁ ନଷ୍ଟ କରିଦେଇଥାଏ ଓ ପ୍ରାପ୍ୟ ଅଧିକାରରେ ଯେତେବେଳେ ତାରତମ୍ୟତା ପରିଲକ୍ଷିତ ହୁଏ ସେତେବାଳେ ତାହାକୁ ବଗା କୁହାଯାଏ । ପ୍ରାପ୍ୟ ଅଧିକାର ଠାରୁ ଅଧିକ ଅଧିକାର ସମ୍ପଦାନ କରିବା ମଧ୍ୟ ବଗା ଅଟେ । ପ୍ରାପ୍ୟ ଅଧିକାର ଠାରୁ ଯଦି ଅଧିକାରରେ ନ୍ୟୁନତା ବା ତାରତମ୍ୟତା ପ୍ରଦର୍ଶନ କରାଯାଏ ତାହାହେଲେ ମଧ୍ୟ ତାହାକୁ ବଗା କୁହାଯାଏ ଓ ଆଧିକ୍ୟ ଅଧିକାର ସମ୍ପାଦନ କରିବା କ୍ଷେତ୍ରରେ ମଧ୍ୟ ବଗା ଶବ୍ଦ ବ୍ୟବହୃତ ହେବ । ଅର୍ଥାତ ଏହି ତିନୋଟି ଅର୍ଥରୁ ଯଦି ଗୋଟିଏ ବି ସଠିକ୍ ଏବଂ ଯଥା ସ୍ଥାନରେ ସମ୍ପାଦନ ନହୁଏ ତାହାହେଲେ ତାହା ଜୀବନ ଦୁର୍ବିସହ ହୋଇଯିବ । ଅତଃ ଏହି ତିନୋଟି କର୍ମ ସହିତ ସ୍ଥାନ, କାଳ (ଏବଂ ପାତ୍ର)ର ସର୍ତ୍ତ ଲାଗୁ କରିଦିଆଯାଇଛି । ଏଠାରେ ସ୍ମରଣ ରହୁ କି କେବଳ ନ୍ୟାୟବିଚାର କିମ୍ବା କେବଳ ଉପକାର, କିମ୍ବା କେବଳ ଆତ୍ମୀୟ ସ୍ୱଜନକୁ ଉତ୍ତମ ଆଚରଣ ବୋଲି କହି ପାରିବା ନାହିଁ । ବରଂ ମନୁଷ୍ୟ ମଧ୍ୟରେ ଏହି ସମସ୍ତ ଅବସ୍ଥା ସ୍ୱାଭାବିକ ଅବସ୍ଥା ଓ ସ୍ୱଭବୀୟ ଶକ୍ତି ଅଟନ୍ତି । କାରଣ ଏହି ସମସ୍ତ ଗୁଣାବଳୀ ଓ ଅବସ୍ଥା ଶିଶୁମାନଙ୍କ କ୍ଷେତ୍ରରେ ମଧ୍ୟ ଶିଶୁର ବୁଦ୍ଧିର ଅସ୍ତିତ୍ୱର ପୂର୍ବରୁ ଉପଲବ୍ଧ ହୋଇଥାଏ । କିନ୍ତୁ ଆଚରଣ ନିମନ୍ତେ ବୁଦ୍ଧିର ସର୍ତ୍ତ ରହିଛି । ସେହିପରି ଏହି ସର୍ତ୍ତ ମଧ୍ୟ ରହିଛି ଯ, ପ୍ରତ୍ୟେକ ସ୍ୱଭାବିକ ଶକ୍ତି ସ୍ଥାନ ଓ କାଳ ବା ଅବସର ସମୟରେ ଯଥା ସମୟରେ ବ୍ୟବହୃତ ହେବା ଉଚିତ୍ । ପୁନଶ୍ଚ ଉପକାର ସଂକ୍ରାନ୍ତରେ ପବିତ୍ର କୁରଆନ୍ କରୀମ୍‌ରେ ଆହୁରି ଆବଶ୍ୟକୀୟ ଓ ଉପାଦେୟ ନିର୍ଦ୍ଦେଶାବଳୀ ରହିଛି। ସେହି ସମସ୍ତ ଉପଦେଶାବଳୀଗୁଡ଼ିକ ଅଲିଫ୍ ଲାମ୍ ସହିତ ଉପଦେଶାବଳୀକୁ ବିଶେଷିତ କରିବା ନିମନ୍ତ ବ୍ୟବହାର କରି ସ୍ଥାନ ଓ କାଳର ଦ୍ୱାହି ଦେଇ ଇଙ୍ଗିତ କରିଛି । **(ଇସ୍‌ଲାମୀ ଉସୁଲ୍ କି ଫିଲାସଫି, ରୁହାନୀ ଖଜାଏନ୍, ଭାଗ-10, ପୃ-353-355)**

ଅର୍ଥାତ୍ ଏହି ସମସ୍ତ ଆଚରଣଗୁଡ଼ିକୁ ବିଶେଷ ରୂପେ ସ୍ଥିରୀକୃତ ଏବଂ ନିର୍ଦ୍ଧାରଣ କରାଯାଇଛି । ଅର୍ଥାତ୍ ଏହିସବୁ ଆଚରଣ ଏବଂ ଗୁଣାବଳୀ ରହିଛି ଉପକାର ନିମନ୍ତେ । ସୁତରାଂ ବିଭିନ୍ନ ଢଙ୍ଗରେ ବିଭିନ୍ନ ଉଦାହରଣ ଦ୍ୱାରା ସେହି ପୁଣ୍ୟାବଳୀକୁ ସମ୍ପାଦନ କରିବା ନିମନ୍ତେ ଆପଣ ଅ.ସ ଆମମାନଙ୍କୁ ଅନୁପ୍ରାଣିତ କରିଛନ୍ତି । ହ. ମସିହ୍ ମଉଦ୍ ଅ.ସ ତତ୍‌ସଂକ୍ରାନ୍ତରେ ଅର୍ଥାତ ଉପକାର କରିବା ସଂକ୍ରାନ୍ତରେ, ପୁଣ୍ୟ ସମ୍ପାଦନ କରିବା ସଂକ୍ରାନ୍ତରେ ନିଜର ଏକ ଘଟଣା ମଧ୍ୟ ବର୍ଣ୍ଣନା କରିଛନ୍ତି । ଆପଣ ଅ.ସ କୁହନ୍ତି: "ଉପକାର ଏକ ସର୍ବୋତ୍ତମ ବସ୍ତୁ ଅଟେ। ଉପକାର ଦ୍ୱାରା ମନୁଷ୍ୟ ବଡ଼ ବଡ଼ ଶତ୍ରୁଙ୍କୁ ପରାସ୍ତ କରିଦେଇଥାଏ । ସୁତରାଂ ସିଆଲକୋଟର ଜଣେ ବ୍ୟକ୍ତି ଥିଲା ଯେକି ସମସ୍ତ ଲୋକମାନଙ୍କ ପ୍ରତି ବୈରଗ୍ୟ ପ୍ରଦର୍ଶନ କରୁଥିଲା ଏବଂ ସମସ୍ତଙ୍କ ସହିତ କଳି ଝଗଡ଼ା କରୁଥିଲା । ଏପରି କୌଣସି ବ୍ୟକ୍ତି ମିଳୁ ନଥିଲା ଯିଏ ଉକ୍ତ ବ୍ୟକ୍ତି ସହିତ ସନ୍ଧି ସ୍ଥାପନ କରିଥିବ । ଏପର୍ଯ୍ୟନ୍ତକି ତା'ର ଅତ୍ମୀୟ ସ୍ୱଜନମାନେ ମଧ୍ୟ ତା' ପ୍ରତି ଅତିଷ୍ଠ ହୋଇଯାଇଥିଲେ ଓ ଅନାସକ୍ତ ଭାବ ପ୍ରଦର୍ଶନ କରୁଥିଲେ । ହୟ ମସିହ୍ ମଉଦ୍ ଅ.ସ କୁହନ୍ତି ମୁଁ ଉକ୍ତ ବ୍ୟକ୍ତି ପ୍ରତି ଅତି ସାଧାରଣ ବ୍ୟବହାର ପ୍ରଦର୍ଶନ କଲି ଓ ସେ ଏହା ବଦଳରେ ମୋ ପ୍ରତି କେବେ ବି ଦୁର୍ବ୍ୟବାହର କରି ନଥିଲା । ବରଂ ଯେତେବେଳେ ବି ମୋ ସହିତ ସାକ୍ଷାତ୍ ହେଉଥିଲା ଅତ୍ୟନ୍ତ ଉଚିତ୍ ଢଙ୍ଗରେ ମୋ ସହିତ ବାର୍ତ୍ତାଳାପ କରୁଥିଲା ଏବଂ ମୋ ପ୍ରତି ସଦ୍‌ବ୍ୟବହାର ପ୍ରଦର୍ଶନ କରୁଥିଲା । ସେହିପରି ଜଣେ ଆରବୀୟ ନାଗରିକ ଆମ ଘରକୁ ଆସିଲା ଓ ସେ ୱହାବୀମାନଙ୍କର ଘୋର ବିରୋଧୀ ଥିଲା । ଏପର୍ଯ୍ୟନ୍ତକି ଯେତେବେଳେ ତା' ସମ୍ମୁଖରେ ୱହାବୀମାନଙ୍କର ଚର୍ଚ୍ଚା କରାଯାଉଥିଲା ସେତେବେଳେ ସେ ସେମାନଙ୍କୁ ଅପଶବ୍ଦ, ନିନ୍ଦା, ଭର୍ତ୍ସନା ଏବଂ ଗାଳି ଗୁଲଚ କରିବାକୁ ଲାଗୁଥିଲା । ସେ ଏଠାକୁ ଆସି (ଭାରତକୁ) ଆସି ମଧ୍ୟ ଗାଳି ଦେବାକୁ ଆରମ୍ଭ କରିଦେଲା ଏବଂ ୱହାବୀମାନଙ୍କୁ ଅପଶବ୍ଦ କହିବାକୁ ଲାଗିଲା । ମୁଁ ତା'ଙ୍କୁ ଆଦୌ ଭ୍ରୁକ୍ଷେପ କଲି ନାହିଁ ଏବଂ ତାଙ୍କର ଆଦର ସତ୍କାର ତଥା ଅତିଥି ସତ୍କାର କଲି । ଦିନେ ସେ କ୍ରୋଧ ଜର୍ଜରିତ ଥିଲା ଏବଂ ୱାହାବୀମାନଙ୍କୁ ବହେ ଗାଳି ଦେଉଥିଲେ କି କେହି ଜଣେ କହିଲା, ଆରେ ହେ ବ୍ୟକ୍ତି ତୁମେ ଯେଉଁ ବ୍ୟକ୍ତି ଘରେ ଅବସ୍ଥାନ କରିଛି ସେ ମଧ୍ୟ ଜଣେ ୱାହାବୀ ଅଟନ୍ତି ।" ଅର୍ଥାତ୍ ହ. ମସିହ୍ ମଉଦ୍ ଅ.ସଙ୍କ ଆଡ଼କୁ ଇଙ୍ଗିତ କଲା। "ପଳତଃ ସେହି ଆରବ୍ୟ ନାଗରିକ ଜଣକ ନୀରବ ହୋଇଗଲା ।" ହ. ମସିହ୍ ମଉଦ୍ ଅ.ସ କୁହନ୍ତି ଯେ, ଯେଉଁ ବ୍ୟକ୍ତି ଏକଥା କହିଥିଲା ଯେ, ଏ ବ୍ୟକ୍ତି ହେଉଛନ୍ତି ୱାହାବୀ ଅର୍ଥାତ୍ ମୋତେ (ହ. ମସିହ୍ ମଉଦ୍ ଅ.ସଙ୍କୁ) ତା'ର ଏକଥା କହିବା କିଛି ଭୁଲ୍ ନଥିଲା । କାରଣ ପବିତ୍ର କୁରଆନ୍ କରୀମ୍ ପରେ ସଠିକ୍ ଆହାଦିସ୍ ଉପରେ କାର୍ଯ୍ୟାନୁସରଣ କରିବା ମଧ୍ୟ ବାଞ୍ଛନୀୟ ଅଟେ । ସେ ଯାହା ହେଉ ନା କାହିଁକି ସେହି ବ୍ୟକ୍ତି କିଛି ଦିନ ଗଲାପରେ ଚାଲିଗଲା । ଏହାପରେ ଏକଦା ଲାହୋର ଠାସରେ ଯେତେବେଳେ ଉକ୍ତ ବ୍ୟକ୍ତିଙ୍କ ସହିତ ମୋର ପୁନଃ ଭେଟ ହେଲା । ଯଦିଓ ସେ ୱାହାବୀମାନଙ୍କ ପରି ଦୃଷ୍ଟିକୋଣ ତଥା ଚିନ୍ତାଧାରା ରଖିବାକୁ ପସନ୍ଦ କରୁ ନଥିଲା କିନ୍ତୁ ମୁଁ ତା'ର ଅତିଥି ସତ୍କାର ଭଲ ଭାବରେ କରିଥିଲି ସେଇଥିପାଇଁ ତା'ର ସେହି ସମସ୍ତ ଉତ୍ସାହ ଓ ଆବେଗ କ୍ରମଶଃ ଶିଥିଳ ହୋଇଗଲା । ସେ ମୋତେ ଅତ୍ୟନ୍ତ ଦୟା ଓ ପ୍ରେମପୂର୍ଣ୍ଣ ଭାବରେ ମୋତେ ସାକ୍ଷାତ୍ କଲା । ସୁତରାଂ ମୋତେ ବହୁତ ଆଗ୍ରହ ଏବଂ ଅନୁରୋଧ କଲା ଓ ନିଜ ସହିତ ଘରକୁ ପାଛୋଟି ନେଲା । ଏକ ଛୋଟିଆ ମସ୍‌ଜିଦ୍‌ରେ ସେ ଇମାମ୍ ଭାବରେ ଦାୟିତ୍ୱ ନିର୍ବାହ କରୁଥିଲା । ସେ ମୋତେ ସେଠାରେ ବସାଇଲା ଏବଂ ସ୍ୱୟଂ ଚାକରଙ୍କ ପରି ମୋତେ ବିଞ୍ଚଣା ବିଞ୍ଚିବାକୁ ଲାଗିଲା ଓ ବହୁତ ଆଗ୍ରହ ପ୍ରକାଶ କରିବାକୁ ଲାଗିଲା ଯେ, ହଜୁର୍ କିଛି ଚାହା ଜଳଖିଆ କରି ଯାଆନ୍ତୁ । ସୁତରାଂ ଦେଖ ଯେ, ଉପକାର କିପରି ହୃଦୟକୁ ପରିବର୍ତ୍ତନ କରିଦେଇଥାଏ ।

**(ମଲ୍‌ଫୁଜାତ୍, ଭାଗ-9, ପୃ-302, ପ୍ରକାଶନ ବର୍ଷ-1984 ମସିହା)**

ଆପଣ ଅ.ସ ପୁନଶ୍ଚ କୁହନ୍ତି : "ଚରିତ୍ର ଦୁଇ ପ୍ରକାରର ହୋଇଥାଏ ଯଥା- 1- ଯାହା ସାଂପ୍ରତିକ ସମୟରେ ନବଶିକ୍ଷିତ ପିଢୀ ପ୍ରଦର୍ଶନ କରୁଛନ୍ତି । ଅର୍ଥାତ ସାକ୍ଷାତ୍ ସମୟରେ ତୁଣ୍ଡ ଦ୍ୱାରା ଚାଟୁକାରିତା ଓ ତୋଷାମଦିଆ ବ୍ୟବହାର ପ୍ରଦର୍ଶନ କରନ୍ତି । ଅର୍ଥାତ୍ ତୋଷମାଦିଆ ବା ଚାଟୁକାରୀ ବ୍ୟକ୍ତିଙ୍କ ପରି ଆଜ୍ଞା, ଆଜ୍ଞା ହଜୁର

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ପାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ୍ୟ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family, Jamat Ahmadiya Kardapalli (Odisha)

## ନବୀ ସ.ଅଙ୍କ ବାଣୀ

"ଯେତେବେଳେ ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ଭୋଜନ କରିବାକୁ ଲାଗେ ସେତେବେଳେ ସର୍ବ ପ୍ରଥମେ ଅଲ୍ଲାଃତାଲାଙ୍କର ନାମ ନେଉ । ଅର୍ଥାତ **ବିସ୍‌ମିଲ୍ଲାଃହି** ପାଠ କରୁ ଆଉ ଯଦି **ବିସ୍‌ମିଲ୍ଲାଃ** କହିବାକୁ ଭୁଲିଯାଏ ତେବେ ସେପରିପ୍ରେକ୍ଷୀରେ **ବିସ୍‌ମିଲ୍ଲାଃହି ଅୱ୍ୱଲହୁ** ପଢିନେଉ।"

(ତିର୍ମିଜି କିତାବୁଲ୍ ଅତଅମା )

ତାଲିବେ ଦୁଆ: Sarwar Khan & Family, Jamat Ahmadiya Kerang, Darul Fazal (Odisha)

କରିନେଲେ। କିନ୍ତୁ ସେମାନଙ୍କ ହୃଦୟରେ ବୈମନସ୍ୟତା, ବୈରାଗ୍ୟ ପରିପୂର୍ଣ୍ଣ ହୋଇଥାଏ । ଏହିସବୁ ଆଚରଣ ବା ବ୍ୟବହାର ପବିତ୍ର କୁରଆନ୍ କରୀମ୍ ବିରୁଦ୍ଧୀୟ ଅଟନ୍ତି । **2-** ଦ୍ୱିତୀୟ ପ୍ରକାରର ଚରିତ୍ର ବା ଆଚରଣ ଏହିକିଯେ, ପ୍ରକୃତ ସହାନୁଭୂତି ପ୍ରଦର୍ଶନ କରୁ । ମନରେ ବୈମନସ୍ୟତା, ଚାଟୁକାରୀତ ଏବଂ ବୈରାଗ୍ୟତାକୁ ପ୍ରଶୟ ନଦେଉ । ଯେପରିକି ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି: إِنَّ اللَّهَ يَأْمُرُ بِالْعَدْلِ وَالْإِحْسَانِ وَإِيتَاءِ ذِي الْقُرْبَىٰ"**(ଅନ୍ ନହଲ୍:91)**ବାସ୍ତବରେ ଅଲ୍ଲାଃତାଲା ନ୍ୟାୟ ବିଚାର କରିବାକୁ ତଥା ଅନ୍ୟର ହିତ ସାଧନ କରିବାକୁ ଏବଂ ଆତ୍ମୀୟ ସ୍ୱଜନମାନଙ୍କ ସଦୃଶ ଅନ୍ୟମାନଙ୍କୁ ସାହାଯ୍ୟ କରିବାକୁ ଆଦେଶ ଦେଉଛନ୍ତି । ତେବେ ଏହା ହେଉଛି ପୂର୍ଣ୍ଣାଙ୍ଗ ପନ୍ଥା ଏବଂ ଅଲ୍ଲାଃତାଲାଙ୍କ ବାଣୀରେ ପୂର୍ଣ୍ଣାଙ୍ଗ ପନ୍ଥା ଓ ସତମାର୍ଗ ବିଦ୍ୟମାନ ରହିଛି । ଯେଉଁ ଲୋକମାନେ ପବିତ୍ର କୁରଆନ୍ କରୀମ୍‌ର ଅନାଦର, ବିମୁଖତା ତଥା ଆଜ୍ଞୋଲ୍ଲଂଘନ କରନ୍ତି ସେମାନେ ଅନ୍ୟ କେଉଁଠି ବି ସତ୍‌ମାର୍ଗ ପ୍ରାପ୍ତ କରିପାରିବେ ନାହିଁ । ସତ୍‌ଶିକ୍ଷା ନିଜର ପ୍ରଭାବୀୟ ଗୁଣ ସକାଶେ ହୃଦୟର ପବିତ୍ରତାକୁ ଆବଶ୍ୟକ କରିଥାଏ । ଯେଉଁ ଲୋକମାନେ ଏହା ଠାରୁ (ପବିତ୍ର କୁରଆନୀୟ ଶିକ୍ଷା ଠାରୁ) ଦୂରରେ ଅଛନ୍ତି, ତୁମେମାନେ ସେମାନଙ୍କୁ ଗଭୀର ଦୃଷ୍ଟିରେ ଯଦି ଅବଲୋକନ କର ତେବେ ସେମାନଙ୍କ ମଧ୍ୟରେ ଅବଶ୍ୟ ଆବର୍ଜନା ଦୃଶ୍ୟମାନ ହେବ । ଜୀବନର କୌଣସି ଭରସା ନାହିଁ । ନମାଜ, ସତ୍ୟତା, ସତ୍ୟବାଦୀତା, ପବିତ୍ରତା ତଥା ନିର୍ମଳତା ଆଦିରେ ଉନ୍ନତି କର ।" **(ମଲ୍‌ଫୁଜାତ୍, ଭାଗ-6, ପୃ-200)** ହ. ମସିହ୍ ମଉଦ୍ ଅ.ସ ଆମମାନଙ୍କୁ ଉପଦେଶ ଦେଇଛନ୍ତି ଯେ, ତୁମେମାନେ ନମାଜରେ, ସତ୍ୟତା ଓ ନିର୍ମଳତାରେ ଉନ୍ନତି କର । ଅର୍ଥାତ ଉପାସନାରେ, ସତ୍ୟତାରେ ଓ ପବିତ୍ରତାତରେ ଉନ୍ନତି କର ।

ଆପଣ ଅ.ସ ପୁନଶ୍ଚ କୁହନ୍ତି: "ମୁଁ ତୁମମାନଙ୍କୁ ବାରମ୍ବାର ଏହି ଉପଦେଶ ଦେଉଅଛି କି ତୁମେମାନେ କଦାପି ନିଜର ସହାନୁଭୂତିର ପରିସରକୁ ସୀମିତ କର ନାହିଁ ଓ ସହାନୁଭୂତି ସକାଶେ ସେହି ଶିକ୍ଷାର ଅନୁକରଣ କର ଯେଉଁ ଶିକ୍ଷା ଅଲ୍ଲାଃତାଲା ଦେଇଛନ୍ତି । ଅର୍ଥାତ୍ إِنَّ اللَّهَ يَأْمُرُ بِالْعَدْلِ وَالْإِحْسَانِ وَإِيتَاءِ ذِي الْقُرْبَىٰ **(ଅନ୍ ନହଲ୍:91)** ଅର୍ଥାତ୍ ପୁଣ୍ୟ କର୍ମ ସମ୍ପାଦନ କରିବାରେ ତୁମେମାନେ ନ୍ୟାୟକୁ ଧ୍ୟାନରେ ରଖ । ଯେଉଁ ବ୍ୟକ୍ତି ତୁମ ସହିତ ପୁଣ୍ୟ ପ୍ରଦର୍ଶନ କର ତୁମମାନଙ୍କର ଏହି କର୍ତ୍ତବ୍ୟ ରହିଛି ଯେ, ତୁମେମାନେ ମଧ୍ୟ ଉକ୍ତ ବ୍ୟକ୍ତି ପ୍ରତି ପୁଣ୍ୟାଚାରଣ ପ୍ରଦର୍ଶନ କର । ପୁନଶ୍ଚ **ଦ୍ୱିତୀୟ** ସ୍ତର ଏହିକି ଯେ, ତୁମେମାନେ ତା' ଅପେକ୍ଷା ଅଧିକ ଉତ୍ତମ ବ୍ୟବହାର ପ୍ରଦର୍ଶନ କର । କାରଣ ଏହା ଉପକାର ଅଟେ । ଉପକାରର ସ୍ତର ଯଦିଚ ନ୍ୟାୟବିଚାର ଠାରୁ ଅଧିକ ଓ ଏହା ସବୁଠୁ ମହାପୁଣ୍ୟ ଅଟେ । କିନ୍ତୁ କେବେ ନା କେବେ ସମ୍ଭବତଃ ଉପକାର ସାଧାନକାରୀ ବ୍ୟକ୍ତି ନିଜର ଉପକାର ବଖାଣି ଦେବ । କିନ୍ତୁ ସେହି ସ୍ତର ମଧ୍ୟରୁ ଆଉ ଏକ ସ୍ତର ରହିଛି ଯେ, ମନୁଷ୍ୟ ଏପରି ଢଙ୍ଗରେ ପୁଣ୍ୟ କର୍ମ ସମ୍ପାଦନ କରୁ କି ଯେଉଁ ପ୍ରେମ ବ୍ୟକ୍ତିଗତ ଭାବରେ ହୁଏ, ଯେଉଁଥିରେ ଉପକାର ପ୍ରଦର୍ଶନର କୌଣସି ପକ୍ଷ ନାହିଁ । ଅର୍ଥାତ୍ ମା ଯେପରି ନିଜ ସନ୍ତାନର ଲାଳନ ପାଳନ କରିଥାଏ ଓ ସେହି ଲାଳନ ପାଳନରେ କୌଣସି ପୁଣ୍ୟ, ପ୍ରତିଫଳ, ପୁରସ୍କାରର ଆଶାବାଦୀ ଏବଂ ଅଭିଳାଷୀ ନଥାଏ। ବରଂ ସ୍ୱାଭାବିକ ଉତ୍ସାହ ହୋଇଥାଏ ଯାହାକି ସନ୍ତାନ ନିମନ୍ତେ ନିଜର ସମସ୍ତ ସୁଖ ଶାନ୍ତିକୁ ବଳିଦାନ କରିଦେଇଥାଏ । ଅତଃ ଯଦି ସମ୍ରାଟ୍ ମଧ୍ୟ ମା'କୁ କହେ କି ତୁମେ ନିଜ ସନ୍ତାନକୁ କ୍ଷୀର ପାନ କରାଅ ନାହିଁ । ତେବେ ସେହି ସମ୍ରାଟ୍‌କୁ ଉକ୍ତ ମାତା ଗାଳି ଗୁଲଚ ଏବଂ ଭର୍ତ୍ସନା କରିଥାଏ । ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ସୁତରାଂ ଉକ୍ତ ପନ୍ଥା ଅନୁଯାୟୀ ପୁଣ୍ୟ କର୍ମ ସମ୍ପାଦନ କର ଯେ, ସେହି ପୁଣ୍ୟ ବ୍ୟକ୍ତକୁ ସ୍ୱାଭାବିକ ସ୍ତର ପର୍ଯ୍ୟନ୍ତ ଉପନୀତ କରାଇଦେଉ । କାରଣ ଯେତେବେଳେ କୌଣସି ବସ୍ତୁ ଉନ୍ନତି କରୁ କରୁ ନିଜ ସ୍ୱାଭାବିକ ଅବସ୍ଥାର ଶୀର୍ଷ ସ୍ତର ପର୍ଯ୍ୟନ୍ତ ପହଞ୍ଚିଯାଏ ସେତେବେଳେ ତାହା ପୂର୍ଣ୍ଣାଙ୍ଗ ହୋଇଥାଏ ।" **(ମଲ୍‌ଫୁଜାତ୍,, ଭାଗ-7, ପୃ-382-383, ପ୍ରକାଶନ ବର୍ଷ-1984 ମସିହାରୁ ଉଦ୍ଧୃତ)**

ଆପଣ ଅ.ସ କୁହନ୍ତି : "ପ୍ରଭୁ ତୁମକୁ ଆଦେଶ ଦିଅନ୍ତି ଯେ, ତୁମେମାନେ ସମଗ୍ର ସଂସାରବାସୀଙ୍କ ପ୍ରତି ନ୍ୟାୟ ବିଚାର କର । ଅର୍ଥାତ୍ ସେମାନଙ୍କର ଯାହା ଅଧିକାର ରହିଛି ତଦନୁଯାୟୀ ନ୍ୟାୟ ବିଚାର କର ଓ ନ୍ୟାୟବିଚାରପୂର୍ବକ ମାନବଜାତି ପ୍ରତି ସଦ୍‌ବ୍ୟବହାର ପ୍ରଦର୍ଶନ କର । ଏହାଠୁ ବଳି ଏହି ଆଦେଶ ରହିଛି ଯେ, ତୁମେମାନେ ମାନବ ଜାତି ପ୍ରତି ଉପକାର ପ୍ରଦର୍ଶନ କର । ଅର୍ଥାତ୍ ସେହି ବ୍ୟବହାର ବା ଆଚରଣ ପ୍ରଦର୍ଶନ କର ଯେଉଁ ଆଚରଣ ପ୍ରଦର୍ଶନ କରିବା ତୁମମାନଙ୍କ ପକ୍ଷେ ଅନିର୍ବାର୍ଯ୍ୟ ନୁହେଁ । କେବଳ ବିନମ୍ରତାମୂଳକ ଆଚରଣ ପ୍ରଦର୍ଶନ କର । କିନ୍ତୁ ଯଦିଚ ଉପକାରରେ ମଧ୍ୟ ଏକ ଦୁର୍ବଳ ପକ୍ଷ ଗୁପ୍ତ ତଥା ନିହିତ ରହିଛି । ଅର୍ଥାତ୍ ଉପକାର ସାଧନକାରୀ ବ୍ୟକ୍ତି କେତେବେଳେ କ୍ଷୁବ୍ଧ ହୋଇ ନିଜର ଉପକାରକୁ ସ୍ମରଣ ମଧ୍ୟ କରାଇ ଦେଇଥାଏ । ଅତଃ ପୂର୍ବ ଆୟତର ଶେଷାର୍ଦ୍ଧରେ କହିଲେ, ପୂର୍ଣ୍ଣ ପୁଣ୍ୟାବଳୀ ଏହିକିଯେ, ତୁମେମାନେ ମାନବ ଜାତି ପ୍ରତି ଏପରି ଢଙ୍ଗରେ ପୁଣ୍ୟ ପ୍ରଦର୍ଶନ କର ଯେପରି ଜଣେ ମାତା ନିଜର ସନ୍ତାନ ପ୍ରତି ପୁଣ୍ୟାଚରଣ ପ୍ରଦର୍ଶନ କରିଥାଏ ଓ ତା'ର ସେବା ଯତ୍ନ କରିଥାଏ । କାରଣ ସେହି ସେବା ତା'ର କେବଳ ଆବେଗିକ ଉତ୍ସାହ ଦ୍ୱାରା ସମ୍ପାଦିତ ହୋଇଥାଏ ନା କି କୌଣସି ଶାସ୍ତି ଏବଂ ଦଣ୍ଡ ଦେବା ଉଦ୍ଦେଶ୍ୟରେ ହୋଇଥାଏ । ମାତା ମନରେ ଏହି ଅଭିଳାଷା ନଥାଏ ଯେ, ଏହି ସନ୍ତାନଟି ମୋତେ ପୁଣ୍ୟ ବଦଳରେ କିଛି ପ୍ରଦାନ କରିବ । ସୁତରାଂ ସେହି ପୁଣ୍ୟ ଯାହାକି ମାନବ ଜାତି ଦ୍ୱାରା ସମ୍ପାଦିତ କରାଯାଇଥାଏ ତାହା ସଂପୂର୍ଣ୍ଣ ରୂପେ **ତୃତୀୟ** ସ୍ତରୀୟ ପୁଣ୍ୟ ଅଟେ । ଏହାକୁ وَإِيتَاءِ ذِي الْقُرْبَىٰ ଶବ୍ଦରେ ବର୍ଣ୍ଣନା ତଥା ଆଖ୍ୟାୟିତ କରାଯାଇଛି ।"

**(ଚଶ୍‌ମାଏ ମାଆରିଫତ୍, ରୁହାନୀ ଖଜାଏନ୍, ଭାଗ-23, ପୃ-388)**

ଅତଏବ୍ ପୁଣ୍ୟ କେବଳ ନିଜର ଆତ୍ମୀୟ ସ୍ୱଜନ ବା ବନ୍ଧୁ ପରିଜନଙ୍କ ସହିତ ନୁହଁ ବରଂ ପ୍ରତ୍ୟେକ ବ୍ୟକ୍ତି ସହିତ ପୁଣ୍ୟ ପ୍ରଦର୍ଶନ କର ଓ ବିନା କୌଣସି ସ୍ୱାର୍ଥରେ ନିଃସ୍ୱାର୍ଥପର ଭାବରେ ପୁଣ୍ୟ କରିବାର ଆଦେଶ ରହିଛି । ଏହା ହିଁ ହେଉଛି ସେହି ମର୍ଯ୍ୟାଦା ଯଦ୍ଦ୍ୱାରା ପ୍ରଭୁ ମଧ୍ୟ ପ୍ରାପ୍ତ ଓ ପ୍ରସନ୍ନ ହୁଅନ୍ତି । ଯେପରିକି ଅଲ୍ଲାଃତାଲାଙ୍କ ସହିତ ସଂପର୍କ ସ୍ଥାପନ କରିବା ସଂକ୍ରାନ୍ତରେ ମଧ୍ୟ ବର୍ଣ୍ଣନା କରାଯାଇଛି । ହ. ମସିହ୍ ମଉଦ୍ ଅ.ସ ନିଜର ପୁସ୍ତକରେ ଓ ନିଜର ସଭା ସମିତିମାନଙ୍କରେ ତତ୍‌ସଂକ୍ରାନ୍ତରେ ବିଶେଷ ରୂପେ ତାଗିଦ୍ କରିଛନ୍ତି । ଇସଲାମ୍ ଧର୍ମର ବିଶେଷତା ମଧ୍ୟରୁ ବୃହତ୍ ବୈଶିଷ୍ଟତା ରହିଛି ଯାହାକି ଅନ୍ୟ କୌଣସି ଧର୍ମଶିକ୍ଷାରେ ଦେଖିବାକୁ ମିଳେ ନାହିଁ। ସୁତରାଂ ଆମମାନଙ୍କର ଏହି କର୍ତ୍ତବ୍ୟ ଯେ, ଅଲ୍ଲାଃତାଲାଙ୍କ ସହିତ ସଂପର୍କ ସ୍ଥାପନ କରିବାର ଯେଉଁ ସ୍ତର ରହିଛି ତାହାକୁ ପ୍ରାପ୍ତ କରିବା ନିମନ୍ତେ ଓ ଭକ୍ତମାନଙ୍କର ଅଧିକାର ସମ୍ପାଦନ କରିବା ନିମନ୍ତେ ମଧ୍ୟ ଆମମାନଙ୍କୁ ତଦନୁଯାୟୀ ଉଦ୍ୟମ କରିବା ଉଚିତ୍ । ଅଲ୍ଲାଃତାଲା ଆମମାନଙ୍କୁ ତଦନୁଯାୟୀ ନିଜର ଜୀବନ ଅତିବାହିତ କରିବାକୁ ସୋମର୍ଥ୍ୟ ପ୍ରଦାନ କରନ୍ତୁ । ଆପଣମାନେ ନିଜର ଉପାସନାର ସ୍ତର ମଧ୍ୟ ସର୍ବୋଚ୍ଚ ସ୍ତର ପ୍ରାପ୍ତକାରୀ ବ୍ୟକ୍ତିରେ ପରିଣତ କରନ୍ତୁ । ଆମେମାନେ ଭକ୍ତମାନଙ୍କର ମଧ୍ୟ ଅଧିକାର ସମ୍ପାଦନକାରୀ ବ୍ୟକ୍ତିରେ ପରିଗଣିତ ହୋଇ ବିଶେଷ ରୂପେ ପ୍ରେମ ଏବଂ ଅନ୍ତରୀକତାର ସଂପର୍କକୁ ଏହିପରି ସ୍ଥାପନକାରୀ ବ୍ୟକ୍ତିରେ ପରିଣତ ହେବୁ ଯେ, ସଂସାର ସକାଶେ ଏକ ଉଦାହରଣ ପାଲଟି ଯିବୁ। ଅଲ୍ଲାଃତାଲା ଆମମାନଙ୍କୁ ଏହି କଥା ଉପରେ କାର୍ଯ୍ୟାନୁସରଣ କରିବା ନିମନ୍ତେ ମସାର୍ଥ୍ୟ ପ୍ରଦାନ କରି ବୈଅତ୍‌ର ପ୍ରକୃତ ଅଧିକାରକୁ ସମ୍ପାଦନ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ହ. ମସିହ୍ ମଉଦ୍ ଅ.ସଙ୍କ ବୈଅତ୍‌ର ସର୍ତ୍ତାବଳୀରେ ମଧ୍ୟ "**ମାନବ ଜାତି ପ୍ରତି ସହାନୁଭୂତି ପ୍ରଦର୍ଶନ କରିବା**"ଦଶ୍ ଶରାଏତେ ବୈଅତ୍‌ର ସର୍ତ୍ତ ମଧ୍ୟରୁ ଅନ୍ୟତମ ସର୍ତ୍ତ ଅଟେ । ଆମମାନେ ପ୍ରତ୍ୟେକ ଶୁକ୍ରବାର ଏହି ଶବ୍ଦାବଳୀକୁ ଶୁଣି ପୁଣ୍ୟାବଳୀରେ ଅଗ୍ରସର ହେବା ଓ ନିଜର ସଂଶୋଧନ କରିବା ପ୍ରତି ଧ୍ୟାନ ଦେବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଅନ୍ୟଥା ଆମମାନଙ୍କ ମଧ୍ୟରେ ଓ ଅନ୍ୟ ମାନଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ରହିବ ନାହିଁ । ଅଲ୍ଲାଃତାଲା ଆମମାନଙ୍କ ମଧ୍ୟରେ ଓ ଅନ୍ୟମାନଙ୍କ ମଧ୍ୟରେ ଏକ ସ୍ପଷ୍ଟ ପାର୍ଥକ୍ୟ ସୃଷ୍ଟି କରି ଦେଖାଇ ଦିଅନ୍ତୁ। ଯେପରିକି ହ. ମସିହ୍ ମଉଦ୍ ଅ.ସ ଏକ ସ୍ଥଳେ ଅତ୍ୟନ୍ତ ବେଦନାପୂର୍ଣ୍ଣ ଢଙ୍ଗରେ ଉକ୍ତ କଥାର ପରିପ୍ରକାଶ ମଧ୍ୟ କରିଛନ୍ତି । **(ମଲ୍‌ଫୁଜାତ୍,, ଭାଗ-9, ପୃ-252, ପ୍ରକାଶନ ବର୍ଷ-1984 ମସିହାରୁ ଉଦ୍ଧୃତ)**

ପାକିସ୍ତାନର ପରିସ୍ଥିତି ନିମନ୍ତେ ମଧ୍ୟ ଦୁଆ କରୁ ଥାଆନ୍ତୁ । ଆମେମାନେ ତ' ପୁଣ୍ୟାବଳୀ ପ୍ରସାରିତ କରିବା ସକାଶେ ନିଜର କାର୍ଯ୍ୟ ସମ୍ପାଦନ କରି ଚାଲିଥିବୁ

### ହ. ମୁସଲେହ୍ ମଉଦ୍ ର.ଅଙ୍କ ଆଦର୍ଶ ଉକ୍ତି

"ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ଜାତିର ସଂସ୍କାର ଯୁବ ପିଢୀଙ୍କ ସଂସ୍କାର ବ୍ୟତୀତ କଦାପି ସମ୍ଭବପର ହୋଇପାରିବ ନାହିଁ ।"

**ତାଲିବେ ଦୁଆ:** Sarwar khan & Family,
Jamat Ahmadiya Kerang, (Darul salam)
Darul Fazal (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।"

(ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାଃହି )

**ତାଲିବେ ଦୁଆ:** Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.) INDIA
Postal Reg. No.GDP-40/2023-2025 Vol. 9 Thursday 18 JANUARY 2024 Issue No.-3

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com


ଓ ସୈତାନୀୟ ସ୍ୱଭାବ ବ୍ୟକ୍ତିମାନେ ନିଜର ଅତ୍ୟାଚାର ପ୍ରବୃତ୍ତି ପ୍ରଦର୍ଶିତ କରି ଚାଲୁଥିବେ । ସେହିପରି ପୈଶାଚୀକ ପ୍ରବୃତ୍ତିର ବ୍ୟକ୍ତିମାନଙ୍କ ସହିତ ମୁକାବିଲା ନକରି ଆମମାନଙ୍କୁ ଅଲ୍ଲାଃତାଲାଙ୍କ ଆଦେଶାବଳୀ ଉପରେ ପରିଚାଳିତ ହେବାକୁ ପଡ଼ିବ ।

ସର୍ବଦା ଏହି ଦୁଆ କରୁଥାଆନ୍ତୁ ଯେ, ଅଲ୍ଲାଃତାଲା ଆମମାନଙ୍କର ବିଶ୍ୱାସକୁ ସୁରକ୍ଷା ପ୍ରଦାନ କରନ୍ତୁ ଓ କେବେ ବି ଆମମାନଙ୍କର ବିଶ୍ୱାସ ବିଚଳିତ ନହେଉ । ଅଲ୍ଲାଃତାଲାଙ୍କ ସହିତ ଆମମାନଙ୍କର ସଂପର୍କ ସୃଷ୍ଟି ହୋଇଯାଉ । ସେହି ସଂପର୍କ ହେଲା اِيۡتَآئِ ذِى الۡقُرۡبٰى ର ସଂପର୍କ । ପୁନଶ୍ଚ ଆମେମାନେ ଅଲ୍ଲାଃତାଲାଙ୍କର କୃପାର ଦୃଶ୍ୟ ମଧ୍ୟ ପୂର୍ବାପେକ୍ଷା ଅଧିକ ଅବଲୋକନ କରିବୁ । **ଇନ୍‌ଶାଅଲ୍ଲାଃ** । ସେହିପରି ଅଲ୍ଲାଃତାଲା ଦୃଷ୍ଟିରେ ଯେଉଁମାନେ ଶତ୍ରୁମାନେ ଅଛନ୍ତି, ସେମାନଙ୍କର ସଂସ୍କାର ତଥା ସଂଶୋଧନ ଅସମ୍ଭବ ଅଲ୍ଲାଃତାଲା ସେମାନଙ୍କୁ ସ୍ୱୟଂ ଧ୍ୱଂସ କରି ଦିଅନ୍ତୁ । ଯେତେବେଳେ ଆମମାନଙ୍କର ଅଲ୍ଲାଃତାଲାଙ୍କ ସହିତ ସୁସଂପର୍କ ସ୍ଥାପନ ହେବ ସେତେବେଳେ ଏହି ପରିସ୍ଥିତିରେ ଶତ୍ରୁ ସ୍ୱୟଂ ଧ୍ୱଂସ ହୋଇଯିବ ଏବଂ ଶତ୍ରୁର ବିନାଶର ଦୃଶ୍ୟ ମଧ୍ୟ ଆମେମାନେ ଅବଲୋକନ କରୁଥିବୁ । **ଇନ୍‌ଶାଅଲ୍ଲାଃ** ।

☆ ☆ ☆

## ବିଗତ ଶୁମାର୍ ନଂ- 01 ରେ ବର୍ଣ୍ଣିତ ହୁଜୁର୍ ଅନୱର୍ ଅ.ବଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା ଜୁମା (28-4-2023) ର ଅବଶିଷ୍ଟାଂଶ.........

...କାରଣ ତୁମର କୌଣସି କ୍ଷତି ହୋଇ ନଥାଏ ଓ ଧୈର୍ଯ୍ୟର ପନ୍ଥାକୁ ସର୍ବଦା ଆପଣାଇ ରଖ । ତୁମେମାନେ ସତ୍ୟକୁ ସ୍ୱୀକାର କରିଥିବା ହେତୁ ତୁମର ଯେଉଁ ବନ୍ଧୁ ତୁମକୁ ପରିତ୍ୟାଗ କରେ ତେବେ ସେ ପ୍ରକୃତ ବନ୍ଧୁ ନୁହେଁ । ପ୍ରକୃତ ବନ୍ଧୁ କହିଲେ ସେହି ବନ୍ଧୁକୁ ବୁଝାଇବ ଯିଏ ତୁମର ସତ୍ୟକୁ ସ୍ୱୀକାର କରିବା ସମୟରେ ମଧ୍ୟ ତୁମ ସହିତ ବନ୍ଧୁତ୍ୱର କର୍ତ୍ତବ୍ୟ ଓ ସଂପର୍କ ନିର୍ବାହ କରିବ । ତୁମମାନଙ୍କ ପକ୍ଷେ ଏହା ଉଚିତ୍ ହେବ ଯେ, ସେହି ଲୋକମାନେ ଯେଉଁମାନେ କେବଳ ଏହି କାରଣରୁ ତୁମକୁ ଛାଡ଼ି ଦିଅନ୍ତି ଓ ତୁମ ଠାରୁ ପୃଥକ ହୋଇଯାଆନ୍ତି ତେବେ ତୁମେମାନେ ଅଲ୍ଲାଃତାଲାଙ୍କ ଦ୍ୱାରା ସ୍ଥାପିତ ସଂପ୍ରଦାୟରେ ସାମିଲ୍ ହୋଇଛ, ତୁମେମାନେ ସେମାନଙ୍କ ସହିତ ଉପଦ୍ରବ ଓ ହିଂସା କରିବା ପରିବର୍ତ୍ତେ ସେମାନଙ୍କ ନିମନ୍ତେ ଗୁପ୍ତ ଭାବରେ ଦୁଆ ମଧ୍ୟ କର । ସେମାନଙ୍କ ସହିତ କଳହ କର ନାହିଁ ବରଂ ସେମାନଙ୍କ ନିମନ୍ତେ ଦୁଆ (ପ୍ରାର୍ଥନା) ମଧ୍ୟ କର । କାରଣ ଅଲ୍ଲାଃତାଲା ସେମାନଙ୍କୁ ମଧ୍ୟ ସେହି ଦୃଷ୍ଟି ଏବଂ ପରିଚୟ ପ୍ରଦାନ କରନ୍ତୁ । ସେ ତୁମମାନଙ୍କ ଉପରେ କୃପାବତୀର୍ଣ୍ଣ କରି ଯେଉଁ ଦିବ୍ୟ ଦୃଷ୍ଟି ପ୍ରଦନ କରିଛନ୍ତି ତାହା ଅନନ୍ୟ । ସୁତରାଂ ହ. ମସିହ୍ ମଉଦ୍ ଅ.ସ କେବଳ ଦଙ୍ଗା, ସାଂପ୍ରଦାୟିକତା, ହିଂସା ତଥା ଉପଦ୍ରବରୁ ବାରଣ କରି ନାହାନ୍ତି ବରଂ ସେମାନଙ୍କ ପ୍ରତି ସହାନଭୂତି ମଧ୍ୟ ପ୍ରଦର୍ଶନ କରିବାକୁ କହିଛନ୍ତି । କାରଣ ସେମାନେ ମଧ୍ୟ ସତ୍ୟକୁ ଚିହ୍ନିବାକୁ ସକ୍ଷମ ହୁଅନ୍ତୁ । ତୁମେମାନେ ନିଜର ପବିତ୍ର ଉଦାହରଣ, ଉତ୍ତମ ଆଚରଣ ବା ଚାଲି ଚଳନ ଦ୍ୱାରା ଏହା ସାବ୍ୟସ୍ତ କରି ଦେଖାଇ ଦିଅ ଯେ, ତୁମେମାନେ ଉତ୍ତମ ମାର୍ଗ ବାଛି ନେଇଛ।

ଦେଖ ! ମୁଁ ଏହି ପ୍ରସଙ୍ଗ ନିମନ୍ତେ ନିଯୁକ୍ତ ହୋଇଛି ଯେ, ତୁମେମାନେ ବାରମ୍ବାର ମାର୍ଗଦର୍ଶନ ପ୍ରାପ୍ତ କର । କାରଣ ପ୍ରତ୍ୟେକ ପ୍ରକାରର କଳହର ସ୍ଥାନରୁ ତୁମେମାନେ ବର୍ତ୍ତିପାରିବ । ତୁମେମାନେ ଗାଳି ଶୁଣି ଦୁଆ କର ଓ ଧୈର୍ଯ୍ୟ ମଧ୍ୟ ପ୍ରଦର୍ଶନ କର। ପାପ ତଥା ମନ୍ଦ କର୍ମର ଉତ୍ତର ପୁଣ୍ୟ ଦ୍ୱାରା ଦିଅ । କାରଣ ଯେତେବେଳେ କୌଣସି ବିପତ୍ତି ଆସିଲେ ତୁମେମାନେ ପ୍ରସ୍ତୁତ ରୁହ ଯେ, ତୁମେମାନେ ସେଠାରୁ ଖସି ଯାଇ ପାରିବ । ପବିତ୍ର କୁରଆନ୍ କରୀମ୍‌ର ମଧ୍ୟ ଏହି ଆଦେଶ ରହିଛି ଯେ, ତୁମେମାନେ ଉପଦ୍ରବ ବା ମନ୍ଦ ସ୍ଥାନରୁ ହଟିଯାଅ ଓ କୋମଳତା ଦ୍ୱାରା ଉତ୍ତର ପ୍ରଦାନ କର । ବାରମ୍ବାର ଏହିପରି ହୋଇଥାଏ ଯେ, ଜଣେ ବ୍ୟକ୍ତି ଉତ୍ସାହର ସହିତ ବିରୋଧ କରି ବିରୋଧ ପ୍ରଦର୍ଶନ କରିବାରେ ସେହି ପନ୍ଥା ଅବଲମ୍ବନ କରିଥାଏ ଯାହିକି ଉପଦ୍ରବମୂଳକ ପନ୍ଥା ହୋଇଥିବ । ଏହା ଦ୍ୱାରା ଉପଦ୍ରବର ଆଶଙ୍କା ଥିବ। "ଉକ୍ତ ବ୍ୟକ୍ତିର କଥାକୁ କର୍ଣ୍ଣପାତକାରୀମାନଙ୍କୁ ଉତ୍ତେଜନାର ଆହ୍ୱାନ ଓ ଆଶଙ୍କା ଥିବ । କିନ୍ତୁ ଯେତବେଳେ ସମ୍ମୁଖରେ କୋମଳ ଉତ୍ତର ମିଳେ ଓ ଗାଳିଗୁଲଚର ମୁକାବିଲା କରାଯାଏ ନାହିଁ । ତେବେ ତା'କୁ ସ୍ୱୟଂ ଲଜ୍ଜା ଅନୁଭବ ହୋଇଥାଏ। ଠିକ୍ ଅଛି ଅନେକ ଲୋକମାନେ ଏହି ଯୁଗରେ ନିର୍ଲଜ ଅଟନ୍ତି, ସେମାନେ ଓଲଟା ଅନ୍ୟାୟ ଓ ଅତ୍ୟାଚାର କରନ୍ତି । କିନ୍ତୁ ଅନେକ ଲୋକ ଏପରି ମଧ୍ୟ ଅଛନ୍ତି ଯେଉଁମାନଙ୍କୁ ଲଜ୍ଜା ଅନୁଭୂତ ହୋଇଥାଏ ଏବଂ ସେମାନେ ନିଜର ଗତିବିଧି ଏବଂ ଆଚରଣ ଯୋଗୁଁ ଅନୁତପ୍ତ ହୁଅନ୍ତି ତଥା ପରିତାପ କରିଥାଆନ୍ତି ।"

ବିଗତ ଖୁତ୍‌ବାରେ ମୁଁ ବାଂଲାଦେଶରେ ଘଟିଥିବା ଘଟଣାବଳୀ ସଂପର୍କରେର ବର୍ଣ୍ଣନା କରି ଏକ ଉଦାହରଣ ମଧ୍ୟ ଦେଇଥିଲି ଯେ, ଡାକରା ଦେଇଥିବା ଆବାହକମାନଙ୍କ ମଧ୍ୟରୁ ଜଣେ ବାଳକକୁ ଆମର ଜଣେ ଅହେମଦି ଖୁଦ୍ଦାମ୍ କହିଲେ, ତୁମକୁ ଜଣା ଅଛି ଯେ, ତୁମେ କ'ଣ କରୁଛ ? କାହା ପାଇଁ ଏସବୁ କରୁଛ ? ପୁନଶ୍ଚ ଯେତେବେଳେ ସେ ବୁଝିନେଲା ସେତେବେଳେ ଇଟା ତଳକୁ ଫିଙ୍ଗିଦେଲା । କିମ୍ବା ଯେଉଁ ପଥର ଟେଳାଟି ଉଠାଇଥିଲା ତାହାକୁ ସେ ତଳକୁ ପକାଇଦେଲା । ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ମୁଁ ତୁମକୁ ସତ ସତ କହୁଛି ଯେ, ଧୈର୍ଯ୍ୟକୁ ହାତଛଡ଼ା କର ନାହିଁ । ଧୈର୍ଯ୍ୟ ହେଉଛି ଏଭଳି ଏକ ଅସ୍ତ୍ର ଯେ, ଯେଉଁ କାର୍ଯ୍ୟ ତୋପ ଦ୍ୱାରା ସାଧିତ ହୋଇପାରିବ ନାହିଁ ତାହା ଧୈର୍ଯ୍ୟ ଦ୍ୱାରା ଅତି ସହଜରେ ସମ୍ପାଦିତ ହୋଇଯିବ । ଅତଏବ ଧୈର୍ଯ୍ୟ ହିଁ ଏକମାତ୍ର ବସ୍ତୁ ଯାହା ହୃଦୟକୁ ଜିଣି ନେଇଥାଏ ।"

ମନେରଖ ! ମୁଁ ଯେତେବେଳେ ଏହି କଥା ଶୁଣେ ଯେ, ମୋ ସଂପ୍ରଦାୟର ଅମକ ବ୍ୟକ୍ତି ଅନ୍ୟ (ସଂପ୍ରଦାୟର) ବ୍ୟକ୍ତି ସହିତ କଳହ କରିଛି ସେତେବେଳେ ମୁଁ ବହୁତ ଦୁଃଖିତ ଓ ମର୍ମାହତ ହୋଇଥାଏ । ମୁଁ ଏହି ପନ୍ଥାକୁ କଦାପି ପସନ୍ଦ କରୁ ନାହିଁ । ଅଲ୍ଲାଃତାଲା ମଧ୍ୟ ଚାହାନ୍ତି ନାହିଁ ଯେ, ଏହି ସଂପ୍ରଦାୟ ଯାହାକି ସଂସାରରେ ଏକ ଆଦର୍ଶ ଓ ଉଦାହରଣ ପାଲଟୁ ସେ ଏହିଭଳି ପନ୍ଥା ଓ ଏହିଭଳି ଆଚରଣ ଅବଲମ୍ବନ କରୁ ଯାହାକି ଧର୍ମପରାୟଣର ମାର୍ଗର ପରିପନ୍ଥୀ ଅଟେ । ମୁଁ ତୁମକୁ ଏହା ମଧ୍ୟ କହିଦେବାକୁ ଚାହେଁ ଯେ, ଅଲ୍ଲାଃତାଲା ଏହି ପର୍ଯ୍ୟନ୍ତ ଉକ୍ତ ପ୍ରସଙ୍ଗ ନିମନ୍ତେ ସମର୍ଥନ ଜଣାନ୍ତି ଯେ, ଯଦି କୌଣସି ବ୍ୟକ୍ତି ଉକ୍ତ ସଂପ୍ରଦାୟରେ ସାମିଲ ହୋଇ ଧୈର୍ଯ୍ୟକୁ ବିନିଯୋଗ କରେ ନାହିଁ ଏବଂ କଷ୍ଟ ସହ୍ୟ କରି ନାହିଁ ତେବେ ସେ ମନେରଖୁ ଯେ, ସେ ଉକ୍ତ ସଂପ୍ରଦାୟରେ ପ୍ରବିଷ୍ଟ ନୁହେଁ ।" ଏହା ଖୁବ୍ ସତର୍କ ବାଣୀ ଅଟେ । ଆମମାନଙ୍କୁ ସର୍ବଦା ଏହା ସ୍ମରଣ ରଖିବା ଉଚିତ୍ ଯେ, ମୋତେ ଯେଉଁ ଖରାପ ଖରାପ ଗାଳି ଦିଆଯାଉଛି ତାହା ସମ୍ଭବତଃ ଉତ୍ତେଜନାପୂର୍ଣ୍ଣ କାର୍ଯ୍ୟ ଓ ଉତ୍ସାହ ଯୋଗୁଁ ହିଁ ଦିଆଯାଉଛି । ତୁମେମାନଙ୍କୁ ମଧ୍ୟ ଏହିପରି ଉତ୍ତେଜନା ଓ କ୍ରୋଧ ଆସୁଥିବ ତ' । ଅର୍ଥାତ ମୋତେ ଯେତେବେଳେ ବିରୋଧୀମାନେ ଗାଳି ଦିଅନ୍ତି ସେତେବେଳେ ତୁମମାନଙ୍କୁ ମଧ୍ୟ କ୍ରୋଧ ଆସୁଥିବ । ତୁମେମାନେ ଏହି ପ୍ରସଙ୍ଗକୁ ପ୍ରଭୁଙ୍କୁ ହସ୍ତାନ୍ତର କରିଦିଅ । ତୁମେମାନେ ଏହାର ବିଚାର କରିପାରିବ ନାହିଁ । ତେଣୁ ମୋର ପ୍ରସଙ୍ଗକୁ ପ୍ରଭୁଙ୍କୁ ହସ୍ତାନ୍ତର କରିଦିଅ । ତୁମେମାନେ ସେମାନଙ୍କର ଗାଳି ତଥା ଅପଶବ୍ଦକୁ ଶୁଣି ଧୈର୍ଯ୍ୟ ପ୍ରଦର୍ଶନ କର ଓ ବିରୋଧକୁ ସହ୍ୟ କରିନିଅ । ତୁମେମାନେ ଜାଣ କି ମୁଁ ସେମାନଙ୍କ ଠାରୁ କେତେ କେତେ ଗାଳି ଶୁଣୁଛି । ବହୁବାର ଏପରି ହୋଇଥାଏ ଯେ, ଗାଳି ଦ୍ୱାରା ପରିପୂର୍ଣ୍ଣ ପତ୍ର ମଧ୍ୟ ମୋତେ ପ୍ରାପ୍ତ ହୁଏ ଓ ଖୋଲା କାର୍ଡ଼ରେ ମୋତେ ଗାଳି ଦିଆଯାଇଥାଏ । ବେରଙ୍ଗ ପତ୍ର ଆସିଥାଏ ଯାହାର ମାହସୁଲ୍ (ଶୁଳ୍କ ବା କର) ମଧ୍ୟ ମୋତେ ପୈଠ କରିବାକୁ ପଡ଼ିଥାଏ । ବିରୋଧୀ ଲୋକମାନେ ବିନା ଟିକଟ ଲଗାଇ ମୋତେ ପତ୍ର ପ୍ରେରଣ କରି ଦେଇଥାଆନ୍ତି । ତେବେ ସେହି ଡାକ ଟିକଟର ମଧ୍ୟ ମୋତେ ପଇସା ଦେବାକୁ ପଡ଼ିଥାଏ । ପୁନଶ୍ଚ ଯେତେବେଳେ ପତ୍ରକୁ ମୁଁ ଖୋଲେ ଓ ପାଠ କରେ ସେତେବେଳେ ତହିଁରେ କୁତ୍ଥ କୁତ୍ଥ ଗାଳି ଉଲ୍ଲେଖ ରହିଥାଏ । ଅଶ୍ଳୀଳ ଗାଳି ଉଲ୍ଲେଖ ହୋଇଥାଏ । କାରଣ ନିଃସନ୍ଦେହ ରୂପେ ମୁଁ ଜାଣେ ଯେ, କୌଣସି ଅବତାରକୁ ଏପରି ଗାଳି ଦିଆଯାଇ ନାହିଁ । ମୁଁ ଏହା ବିଶ୍ୱାସ କରୁ ନାହିଁ ଯେ, ଅବୁ ଜହଲ୍ ମଧ୍ୟ ଆଁହଜରତ ସ.ଅଙ୍କୁ ଏପରି ଗାଳି ଦେବାକୁ ପ୍ରସ୍ତୁତ ହୋଇଥିବ। ଅର୍ଥାତ ଏହି ବିରୋଧୀ ଲୋକମାନେ ମୋତେ ଏପରି ଗାଳି ଦିଅନ୍ତି ଯେ, ଏପରି ଗାଳି ଅବୁ ଜହଲ୍ ମଧ୍ୟ ଆଁହଜରତ ସ.ଅଙ୍କୁ ଏପରି ସ.ଅଙ୍କୁ ଦେଇ ନଥିବ । କିନ୍ତୁ ମୋତେ ଏହିସବୁ କିଛି ଗାଳି ଶୁଣିବାକୁ ପଡ଼ିଥାଏ । ତେଣୁ ମୁଁ ଯେତେବେଳେ ଧୈର୍ଯ୍ୟ ପ୍ରଦର୍ଶନ କରୁଛି ତେବେ ତୁମମାନଙ୍କର

**(ଅବଶିଷ୍ଟାଂଶ ପରବର୍ତ୍ତୀ ସଂଖ୍ୟାରେ.....)**

### ନବୀ ସ.ଅଙ୍କ ବାଣୀ:-

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଣିଷର ପରମ ଶତ୍ରୁ ।

**ତାଲିବେ ଦୁଆ:** Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan